# ବିନା ମାଟିରେ କେଶର ଚାଷ

ଭୁବନେଶ୍ୱର,୧୧।୧୧
(ଅନୁରାଧା ମହାରଣା)





ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଜଗନ୍ନାଥ ବିହାର ଅଞ୍ଚଳର ସୁବ୍ରତ କୁମାର ମହାନ୍ତି ବିନା ମାଟିରେ ସାଫ୍ରନ୍(କେଶର) ଚାଷ କରି ଏବେ ଚର୍ଚ୍ଚାକୁ ଆସିଛନ୍ତି। ଇରାନ୍‌ରେ ବିଶ୍ୱରେ ସର୍ବାଧିକ କେଶର ଚାଷ କରାଯାଏ। ଭାରତରେ କଶ୍ମୀରକୁ ବାଦ୍ ଦେଲେ ଅନ୍ୟ ଅଞ୍ଚଳରେ ଏହି ଚାଷ ଅତି ନଗଣ୍ୟ। ତେବେ ସୁବ୍ରତ ଓଡ଼ିଶାରେ କେଶର ଚାଷ କରି ସଫଳ ହୋଇନାହାନ୍ତି, ବିନା ମାଟିରେ ଏହି ଚାଷ କରି କେବଳ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଇସ୍ରାଏଲର ଚାଷ ପ୍ରଣାଳୀ ଏରୋପୋନିକ, ହାଇଡ୍ରୋପୋନିକ ଏବଂ ଏରୋପୋନିକ ଭର୍ଟିକାଲ ପ୍ରଣାଳୀରେ ସେ କଶ୍ମୀର ମୋଗ୍ରା କେଶର ଚାଷ କରିଛନ୍ତି। କେଶର କର୍ମଗୁଡ଼ିକ ବଢ଼ି ଫୁଲ ଧରିଲାଣି। ଅଳ୍ପ କିଛିଦିନ ମଧ୍ୟରେ ଏଥିରୁ କେଶର ଅମଳ ହେବ। ତେବେ ପରୀକ୍ଷାମୂଳକ ଭାବେ ଏହି ଚାଷ କରିଥିବାବେଳେ ଏଥିରେ ୩ରୁ ୪ ଲକ୍ଷ ଟଙ୍କା ବ୍ୟୟ କରିଥିବା ସେ କହିଛନ୍ତି। କେଶର ଫୁଲର ଷ୍ଟିଗ୍‌ମା ଅଂଶର ପ୍ରକ୍ରିୟାକରଣ ପରେ ଏହା ବଜାରକୁ ଛଡ଼ାଯାଇଥାଏ। ଗୋଟିଏ ଗୋଟିଏ କର୍ମରୁ ୭ରୁ ୮ଟି ଫୁଲ ଫୁଟିବା ସହ ପ୍ରତି ଫୁଲରୁ ୩ରୁ ୪ଟି ଷ୍ଟିଗ୍‌ମା ମିଳିଥାଏ। ଅକ୍ଟୋବରରୁ ନଭେମ୍ବର ମଧ୍ୟରେ କର୍ମରେ ଫୁଲ ଫୁଟି ଶୁଖିବା ପରେ ଅକ୍ଟୋବରରୁ ଏପ୍ରିଲ ମଧ୍ୟରେ ଫୁଲ ଫୁଟି କଅଁଳିବାକୁ ଲାଗିଥାଏ। ସେହିପରି ନଭେମ୍ବରରୁ ଏପ୍ରିଲ ମଧ୍ୟରେ କର୍ମଗୁଡ଼ିକର ସଂଖ୍ୟା ବୃଦ୍ଧି ପାଇବା ସହ ମେ'ରୁ ଅଗଷ୍ଟ ମଧ୍ୟରେ ଡୋମାନ୍ସି ଅବସ୍ଥାରେ ରହିଥାଏ। ବର୍ତ୍ତମାନ ସୁବ୍ରତ ଗବେଷଣାତ୍ମକ ଭାବେ ଚାଷ କରିଛନ୍ତି। ଏଥିପାଇଁ ସେ ନିଜ ଘରର ଗୋଟିଏ କୋଠରିକୁ ଏହି ଚାଷ ପାଇଁ ପ୍ରସ୍ତୁତ କରିଛନ୍ତି। ଦିନରେ

## ଯୁବଚାଷୀଙ୍କୁ ନୂଆ ଦୀଶା ଦେଖାଇଲେ ସୁବ୍ରତ

ଏହି କୋଠରିର ତାପମାତ୍ରା ୧୦ ଡିଗ୍ରୀ ଓ ରାତିରେ ୫ ଡିଗ୍ରୀ ସେଲସିୟସ୍ ରହୁଛି। ସେ ପୂରା ଚାଷ ପ୍ରଣାଳୀକୁ ଟେକ୍ନୋଲୋଜି ମାଧ୍ୟମରେ ନିୟନ୍ତ୍ରଣ କରିପାରୁଛନ୍ତି। କୋଠରୀ ଆଲୋକ, ଶୀତତାପ ନିୟନ୍ତ୍ରଣ ଆଦି ସମସ୍ତ କାର୍ଯ୍ୟ ସେ ତାଙ୍କ ମୋବାଇଲ ଫୋନ୍ ଦ୍ୱାରା କରିପାରୁଛନ୍ତି। କୋଠରୀରେ କ୍ୟାମେରା ଲାଗିଥିବାରୁ ସେ ଯେକୌଣସି ସ୍ଥାନରେ ରହି ଏହା ଉପରେ ନଜର ରଖିପାରୁଛନ୍ତି। ତେଣୁ କେଶର ଚାଷ ପାଇଁ ବର୍ତ୍ତମାନ ଅନେକ ଆଗ୍ରହୀ ଚାଷୀ ସୁବ୍ରତଙ୍କ ସହ ଯୋଗାଯୋଗ କରି ଚାଷ ପ୍ରଣାଳୀ ଜାଣିବାକୁ ଚାହୁଁଛନ୍ତି। ଆଗକୁ ଏପରି ଅତ୍ୟାଧୁନିକ ଚାଷ ପ୍ରଣାଳୀ ସମ୍ପର୍କରେ ଆଗ୍ରହୀ ଚାଷୀଙ୍କୁ ଆବଶ୍ୟକ ଟ୍ରେନିଂ ଦେବାକୁ ସୁବ୍ରତ ଲକ୍ଷ୍ୟ ରଖିଥିବା କହିଛନ୍ତି।

ସୂଚନାଥାଉ କି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରେ ସଏଲ୍ ସାଇନ୍ସରେ ଏମ୍‌ଏସ୍‌ସି କରିବା ପରେ ସୁବ୍ରତ ହିନ୍ଦୁସ୍ଥାନ ଲିଭର, କରମଣ୍ଡଳ ଫର୍ଟିଲାଇଜର, ଇଫ୍‌କୋ କିଷାନ୍ ସଞ୍ଚାର ଆଦି କମ୍ପାନୀରେ ବିଭିନ୍ନ ପଦବୀର କାର୍ଯ୍ୟ କରିଛନ୍ତି। ମାତ୍ର ଓଡ଼ିଶାରେ ଅତ୍ୟାଧୁନିକ ପ୍ରଣାଳୀରେ ଚାଷକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ସେ ନିଜ ଘରକୁ କୃଷିକ୍ଷେତ୍ରରେ ପରିଣତ କରିଛନ୍ତି। ବିନା ମାଟିରେ ୩୫ରୁ ଅଧିକ ପ୍ରକାର ଚାଷ କରି ସେ ସ୍ଥାନୀୟ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ ମଧ୍ୟ କରାଯାଇଛି। ଆଗକୁ ବିନା ମାଟିରେ କିପରି ଟୁଲୀପ୍ ଚାଷ କରାଯାଇପାରିବ ସେନେଇ ଗବେଷଣା କରିବେ ବୋଲି ସେ କହିଛନ୍ତି। ଯୁବ ଚାଷୀମାନେ ଏହି ପ୍ରଣାଳୀରେ କମ୍ ସ୍ଥାନ, କମ୍ ଖର୍ଚ୍ଚରେ କିପରି ଅଧିକ ଲାଭବାନ୍ ହୋଇପାରିବେ ସେନେଇ ନୂଆ ଦୀଶା ଦେଖାଇବାରେ ଲାଗିପଡିଛନ୍ତି ସୁବ୍ରତ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୧୧।୨୦୨୩

| | |
|---|---|
| ୪,୭୦,୦୨୩ ଟଙ୍କା | |
| ସୁନା | ୨ ଗ୍ରାମ୍ |
| ରୁପା | ୧.୧୦୦ ଗ୍ରାମ୍ |

## ୧୫୦ ବାଣ ଦୋକାନରେ ଚଢ଼ାଉ

### ବିପୁଳ ରାସାୟନିକ ଜବତ, ୨ ଗିରଫ

କଟକ/ ଫୁଲନଖରା,୧୧।୧୧ (କାର୍ତ୍ତିକ ସାହୁ/ ସତ୍ୟ ରଞ୍ଜନ ଦାସମହାପାତ୍ର): କମିଶନରେଟ ପୋଲିସ ପକ୍ଷରୁ ପ୍ରଦୂଷଣମୁକ୍ତ ତଥା ନିରାପଦ ଦୀପାବଳି ପାଳନ ପାଇଁ ପଦକ୍ଷେପ ନିଆଯାଇଛି। କଟକ ଜୋନ୍ ୨, ୩ ଓ ୫ ଅଞ୍ଚଳରେ ଥିବା ୧୫୦ଟି ବାଣ ଦୋକାନରେ ଶନିବାର ଚଢ଼ାଉ କରାଯାଇଛି। ସେଥିମଧ୍ୟରୁ ୧୩ଟି ଦୋକାନରୁ ବିପୁଳ ପରିମାଣର ବିଷାକ୍ତ ରାସାୟନିକ ପଦାର୍ଥ ଥିବା ଓ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ବାଣଗୁଡ଼ିକ ଜବତ କରାଯାଇଛି।

ବେଆଇନ ବାଣ ତିଆରି ଅଭିଯୋଗରେ କଟକ ସଦର ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କୁଶକଣ୍ଡା ଗ୍ରାମର ପ୍ରଭାସ ଚନ୍ଦ୍ର ଦାସ ଓ ଅଜୟ ଦାସ। ସ୍ଥାନୀୟ ସାଇଁସୋ ଗ୍ରାମର ସୁବାସ ସାହୁ ଘର ପଛ ପଟରେ ବେଆଇନ ଭାବେ ବାଣ ତିଆରି କରୁଥିଲେ। ପୋଲିସ ଶୁକ୍ରବାର ସେଠାରେ ଚଢାଉ କରି ବାଣ ତିଆରି ପାଇଁ ଆବଶ୍ୟକ ସରଞ୍ଜାମ, ବିସ୍ଫୋରକ ସାମଗ୍ରୀ ଓ ବାଣ ଜବତ କରିଥିଲା। ମୁଖ୍ୟ ଅଭିଯୁକ୍ତ ସୁବାସ ଫେରାର ହୋଇଯାଇଥିବାବେଳେ ବାଣ ତିଆରିରେ ସହଯୋଗ କରୁଥିବା ପ୍ରଭାସ ଓ ଅଜୟଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୬୬୦/୨୩) ରୁଜୁ ହୋଇଛି।




ପ୍ରଦୂଷଣମୁକ୍ତ ଦୀପାବଳୀ ପାଳନ ପାଇଁ କୋଣାର୍କସ୍ଥିତ ଚନ୍ଦ୍ରଭାଗା ବେଳାଭୂମିରେ ବାଲୁକା ଶିଳ୍ପୀ ସରିତା ଗୋଚ୍ଛାୟତ ଓ ଶିଳ୍ପା ଗୋଚ୍ଛାୟତ ବାଲୁକା କଳା ମାଧ୍ୟମରେ ସମାଜକୁ ବାର୍ତ୍ତା ଦେଉଛନ୍ତି।

## ଦର୍ଶକଙ୍କ ଭଲପାଇବା ସାଉଁଟୁଛି 'ସନ୍ଧ୍ୟା ରାଗିଣୀ'

### ସନ୍ଧ୍ୟା ୬ଟା ୩୦ରେ ପ୍ରସାରିତ

ଭୁବନେଶ୍ୱର,୧୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଜୀ-ସାର୍ଥକରେ ଅକ୍ଟୋବର ୨ରୁ ସନ୍ଧ୍ୟା ୬ଟା ୩୦ରେ ପ୍ରସାରିତ ଧାରାବାହିକ 'ସନ୍ଧ୍ୟା ରାଗିଣୀ' ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇଛି । ସମ୍ପୂର୍ଣ୍ଣ ଓଡ଼ିଆ ଘରର କାହାଣୀ ଓ ପରମ୍ପରାକୁ ନେଇ ଲୋକପ୍ରିୟ ପ୍ରଯୋଜକ ବିଜୟ କାଣ୍ଡୋଇଙ୍କ ଏହି ଧାରାବାହିକ ସବୁ ସପ୍ତାହରେ ଅଧିକରୁ ଅଧିକ ଦର୍ଶକଙ୍କ ଭଲ ପାଇବା ସାଉଁଟିଛି । ଓଡ଼ିଶାର ଏକ ଛୋଟ ଗାଁରେ ଦୁଇ ଭଉଣୀ ଯଶୋଦା ଓ ଦେବକୀ ଏକ ଭୁଲ୍ ବୁଝାମଣା ପାଇଁ ଅଲଗା ହୋଇଯାଇଥିଲେ। ଏହା ମଧ୍ୟରେ ବହୁତ ବର୍ଷ ବିତି ଯାଇଛି । ଗୋଟେ ପଟେ ଦେବକୀର ଝିଅ ରାଗିଣୀ, ଲଣ୍ଡନରେ ପାଠ ପଢିଥିବା ଆଧୁନିକ ତଥା ସ୍ୱାଧୀନ ଚିନ୍ତାଧାରା ରଖୁଥିବା ଝିଅ । ଆଉ ଅନ୍ୟ ପଟେ ପାରମ୍ପରିକ ଚଳଣି ସହ ଘରର ବଡ଼ମାନଙ୍କୁ ସମ୍ମାନ କରୁଥିବା ଯଶୋଦାର ଝିଅ ସନ୍ଧ୍ୟା ଏବଂ ତା ସ୍ୱପ୍ନ ଭାରତ ପାଇଁ ହକି ଖେଳିବାକୁ। ଦେବକୀର ମୃତ୍ୟୁ ପରେ ଯଶୋଦା ରାଗିଣୀକୁ ନିଜ ସାଙ୍ଗରେ ଘରକୁ ନେଇ ଆସିଛି । ଆଧୁନିକ ଚିନ୍ତାଧାରା ରଖୁଥିବା ଝିଅ ଚୌଧୁରୀ ପରିବାରରେ ନିଜକୁ ଖାପଖୁଆଇ ଚଳି ପାରିବ କି ନାହିଁ। ଏଥିସହ ଯଶୋଦା ଦୁଇ ଝିଅ ସନ୍ଧ୍ୟା ଓ ରାଗିଣୀଙ୍କ ସ୍ୱପ୍ନ ପୂରା କରିବାକୁ ଯାଇ କ'ଣ କିଛି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ, ରାଗିଣୀର ଚାଲିଚଳଣ ପାଇଁ ଆଗକୁ ଯାଇ ଯଶୋଦା-ରଘୁରାଜ ସମ୍ପର୍କରେ କ'ଣ ଫାଟ ସୃଷ୍ଟି ହୋଇଯିବ ଏସବୁକୁ ନେଇ କାହାଣୀ ଗତିଶୀଳ। ଧାରାବାହିକର ମୁଖ୍ୟ ଚରିତ୍ରରେ ନିତୁ ମିଶ୍ର, ହିତେସା, ପ୍ରିୟଙ୍କା, ଦୀପ୍ତିରେଖା, ଜ୍ୟୋତି ଓ କେକେ ଅଛନ୍ତି । ଆଗକୁ ମଧ୍ୟ ଏହି ମେଗା ଧାରାବାହିକରେ ନୂଆ ନୂଆ ଅପ୍ରତ୍ୟାଶିତ ମୋଡ ଆସିବ ଯାହା ନିଶ୍ଚିତ ଭାବରେ ଆମ ଦର୍ଶକଙ୍କୁ ଭଲ ଲାଗିବା ବୋଲି ଜୀ-ସାର୍ଥକ ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ ଆଶା ବ୍ୟକ୍ତ କରିଛନ୍ତି।



ଧାରାବାହିକ 'ସନ୍ଧ୍ୟା ରାଗିଣୀ'ର ଏକ ଦୃଶ୍ୟ।

## ନିଶା ଦେଇ ଲୁଟ ଘଟଣା, ଅଟୋ ଚାଳକ ଗିରଫ

ଭୁବନେଶ୍ୱର,୧୧।୧୧
(ସୂର୍ଯ୍ୟକାନ୍ତ ବେହେରା)

ଯାତ୍ରୀଙ୍କୁ ଜୋରଜବରଦସ୍ତ ମୃଦୁ ପାନୀୟରେ ନିଶା ଦେବା ସହ ମାରଣାସ୍ତ୍ର ଦେଖାଇ ଲୁଟ୍ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ଅଟୋ ଡ୍ରାଇଭରଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆର ନାରାୟଣ ଜେନା। ଅପରାଧରେ ବ୍ୟବହୃତ ଅଟୋକୁ ପୋଲିସ ଜବତ କରିଛି। ସୂଚନା ଅନୁସାରେ, ଗତ ୧ ତାରିଖ ଅପରାହ୍ନରେ ଅଭିଯୋଗକାରୀ ରମେଶ କୁମାର ପ୍ରଧାନ ବାମଡା ଯିବା ନିମନ୍ତେ ବରମୁଣ୍ଡା ବସଷ୍ଟାଣ୍ଡରେ ଅଟୋକୁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ ନାରାୟଣ ଅଟୋ ଧରି ସେଠାରେ ପହଞ୍ଚି ରଣପୁର ଯିବା ପାଇଁ କହିଥିଲେ। ଏହାପରେ ରମେଶ ସେଥିରେ ବସିଥିଲେ। ରମେଶ ବସିବା ପୂର୍ବରୁ ଅଟୋରେ ଅନ୍ୟ ଦୁଇଜଣ ବ୍ୟକ୍ତି ବସିଥିଲେ। ଅଟୋଟି ଖଣ୍ଡଗିରି ଓଭରବ୍ରିଜ୍‌ରେ ପହଞ୍ଚିବା ପୂର୍ବରୁ ଅଟୋ ଚାଳକ ଓ ଅନ୍ୟ ଦୁଇବ୍ୟକ୍ତି ଥଣ୍ଡା ପାନୀୟ ଆଣି ନିଜେ ପିଇବା ସହିତ ରମେଶଙ୍କୁ ଜୋରଜବରଦସ୍ତ ପିଆଇଥିଲେ। ଏହାପରେ ରମେଶଙ୍କଠାରୁ ୫ ହଜାର ଟଙ୍କା, ଏଟିଏମ୍ କାର୍ଡ ଓ ମୋବାଇଲ ନେଇଯାଇଥିଲେ। ନାରାୟଣ ଓ ତାଙ୍କ ଦୁଇ ସହଯୋଗୀ ଏଟିଏମ୍ କାର୍ଡର ପିନ୍ ମାଗିଥିଲେ ମଧ୍ୟ ସେ ସେମାନଙ୍କୁ ଦେଇ ନ ଥିଲେ। ଫଳରେ ସେମାନେ ରମେଶଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଏହି ସମୟରେ ରମେଶ ଅଚେତ ହୋଇପଡ଼ିଥିଲେ। ଚେତା ଫେରିବା ବେଳକୁ ସେ ନିଜକୁ ବରୁଣେଇ ପାହାଡ ସାଇମନ୍ଦିର ନିକଟରେ ପଡିଥିବାର ଜାଣିବାକୁ ପାଇଥିଲେ। ପରେ ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବନ୍ଧନ



@ ସୂର୍ଯ୍ୟପ୍ରସାଦ



@ ଅଭୟ



@ ସୁଜିତ୍



@ ଚିନ୍ମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# 'ଧୂଆଁମୁକ୍ତ ଦୀପାବଳି' ପାଇଁ ରାଜ୍ୟବ୍ୟାପୀ ଜନ ସଚେତନତା

ଭୁବନେଶ୍ୱର, ୧୧।୧୧ (ବନ୍ଦନା ସେଠୀ)

ପରିବେଶ ଅନୁକୂଳ ଦୀପାବଳିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସ୍ୱିଚଅନ୍ ଫାଉଣ୍ଡେଶନ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଓ ପରିବେଶ ଅଧ୍ୟୟନ କେନ୍ଦ୍ର, ଜଙ୍ଗଲ ଏବଂ ପରିବେଶ ବିଭାଗ, ଭାରତ ସରକାରଙ୍କ ସହଯୋଗରେ ରାଜ୍ୟ ସରକାର 'ଧୂଆଁମୁକ୍ତ ଦୀପାବଳି' ଶୀର୍ଷକ ଏକ ରାଜ୍ୟବ୍ୟାପୀ ଜନ ସଚେତନତା ଅଭିଯାନ କରିଛନ୍ତି। ଏଥିରେ ନାଗରିକଙ୍କୁ ବାଣ ଫୁଟାଇବାକୁ ମନା କରିବା ସହ ଏହାଦ୍ୱାରା ହେଉଥିବା ପ୍ରଦୂଷଣ ନେଇ ସଚେତନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଅନେକ ବିଦ୍ୟାଳୟ, କଲେଜ ଓ ସଂଗଠନ ଏକାଠି ହୋଇଥିଲେ। ଭୁବନେଶ୍ୱର, ପୁରୀ, କଟକ, ଅନୁଗୋଳ, ଆନନ୍ଦପୁର, ରାଉରକେଲା, ଭବାନୀପାଟଣା, ଦଶପଲ୍ଲା, କେନ୍ଦ୍ରାପଡ଼ା, କେନ୍ଦୁଝର, ନୟାଗଡ଼, ରାୟଗଡା, ସୋନପୁର, ବାଲିଗାଁ ଏବଂ ଅନ୍ୟାନ୍ୟ ସହରର ଅନେକ ବିଦ୍ୟାଳୟ ଏବଂ କଲେଜ ଏହି ଅଭିଯାନରେ ସାମିଲ ହୋଇଥିଲେ। ପ୍ରାୟ ୧୦୦୦ ନାଗରିକ ବାଣ ନ ଫୁଟାଇବାକୁ ଅନ୍‌ଲାଇନ୍‌ରେ ଶପଥ ନେଇଥିଲେ। ଏଥିସହ ପିଲାମାନଙ୍କ ମଧ୍ୟରେ ଅନେକ ପ୍ରତିଯୋଗିତା ଅନ୍ତର୍ଭୁକ୍ତ ହୋଇଥିଲା।



### ବାଣ ନ ଫୁଟାଇବାକୁ ଶପଥ ନେଲେ

ଆକର୍ଷଣୀୟ ରଙ୍ଗୋଲି ଡିଜାଇନଠାରୁ ଆରମ୍ଭ କରି ସୂକ୍ଷ୍ମ ଭାବରେ ଚିତ୍ରିତ ଦୀପ, ହୃଦୟସ୍ପର୍ଶୀ କବିତା ଏବଂ ପରିବେଶ ଅନୁକୂଳ ଉତ୍ସବର ବାର୍ତ୍ତା ପ୍ରଦାନ କରୁଥିବା ଚିତ୍ରାଙ୍କନ କରି ଛାତ୍ରୀଛାତ୍ରମାନେ ପ୍ରତିଭା ପ୍ରଦର୍ଶନ ସହ ସବୁଜ ଭବିଷ୍ୟତ ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ସଂକ୍ରାନ୍ତରେ ନ୍ୟାଶନାଲ୍ ଗ୍ରୀନ୍ କର୍ପସ ରାଜ୍ୟ ନୋଡାଲ ଅଧିକାରୀ ପ୍ରଭାତ ମୋହନ ଦାସ, ଫାଉଣ୍ଡେଶନର ଏମ୍‌ଡି ବିନୟ ଜାଜୁ ଆଲୋକର ଏହି ପର୍ବରେ ସମସ୍ତେ ସୁରକ୍ଷିତ ଭାବେ ସବୁଜ ଦୀପାବଳିକୁ ଉପଭୋଗ କରିବାକୁ ପରାମର୍ଶ ଦେଇଥିଲେ।

# ଗୋଟିଏ ଦିନରେ ୨ ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୧୧।୧୧(ସୂର୍ଯ୍ୟକାନ୍ତ ବେହେରା)

ଗୋଟିଏ ଦିନରେ ରାଜଧାନୀ ଭୁବନେଶ୍ୱରରେ ଦୁଇ ଯୁବକ ଆତ୍ମହତ୍ୟା କରିଛନ୍ତି। ଜଣେ ବମିଖାଲ ଅଞ୍ଚଳର ହୋଇଥିବା ବେଳେ ଆଉଜଣେ ପଥରବନ୍ଧ ବସ୍ତି ଅଞ୍ଚଳର ବୋଲି ଜଣାପଡିଛି। ମୃତକ ଦ୍ୱୟ ହେଲେ ନୟାଗଡର କାମାକ୍ଷା ପ୍ରସାଦ (୨୨) ଓ ଅନ୍ୟଜଣେ ହେଲେ ପଥରବନ୍ଧ ବସ୍ତିର ଭିକୁ ଶବର (୨୮) । ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ କାମାକ୍ଷା ପ୍ରେମ ପାଇଁ ଭିକୁ ପାରିବାରିକ କଳହରୁ ଏଭଳି ଚରମ ପଦକ୍ଷେପ ନେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ମୃତଦେହ ଜବତ କରି ଘଟଣାର ଖୋଲତାଡ ଚଳାଇଛି।

ସୂଚନାନୁସାରେ, ଶନିବାର ସକାଳେ ବମିଖାଲ ଅଞ୍ଚଳରେ ରହୁଥିବା ଭଡାଘରୁ କାମାକ୍ଷାଙ୍କ ମୃତଦେହ ଝୁଲୁଥିବା ମାଲିକ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ମୃତଦେହ ହସ୍ତାନ୍ତର କରିଛି। ସେହିପରି ଭିକୁ ପଥରବନ୍ଧ ବସ୍ତିରେ ସ୍ତ୍ରୀ ସହ ରହୁଥିଲେ। କିଛିଦିନ ହେବ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରବଳ କଳହ ଲାଗିରହିଥିଲା। ସକାଳେ ତାଙ୍କ ସ୍ତ୍ରୀ କାମକୁ ଯାଇଥିବା ବେଳେ ଭିକୁ ଗାଧୁଆଘରେ ଆତ୍ମହତ୍ୟା କରିଥିଲେ। ସନ୍ଧ୍ୟାରେ ସ୍ତ୍ରୀ ଘରକୁ ଫେରି ଝୁଲନ୍ତା ଅବସ୍ଥାରେ ସ୍ୱାମୀଙ୍କୁ ଦେଖି ପୋଲିସକୁ ଖବର ଦେଇଥିଲେ। ମୃତଦେହ ଜବତ କରି ପୋଲିସ କ୍ୟାପିଟାଲ ହସ୍ପିଟାଲରେ ରଖିଥିବାବେଳେ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

### ରାଜଧାନୀରେ ଅଭାବନୀୟ ଘଟଣା

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପିକକ୍‌ର ୩୪ତମ ଶିଶୁମେଳା, ଏକାମ୍ର ହାଟର ଖୋଲାମଞ୍ଚ, ପ୍ରଦର୍ଶନୀ ପଡ଼ିଆ ପାଖ, ସକାଳ ୮ଟା।

## ସଂକ୍ଷେପରେ

### ଜାତୀୟ ପ୍ରେସ୍ ଦିବସରେ ୭ ଜଣ ପାଇବେ ସ୍ମାରକୀ, ୧୦ଜଣ ରାଷ୍ଟ୍ରୀୟ ଗୌରବ ସମ୍ମାନ

ଭୁବନେଶ୍ୱର,୧୧।୧୧(ଅନିଲ ଦାସ)

ଆସନ୍ତା ୧୬ ତାରିଖ ଜାତୀୟ ପ୍ରେସ୍ ଦିବସ ଅବସରରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ରାଜ୍ୟର ୩୨ଜଣ ବରିଷ୍ଠ ଖବରଦାତାଙ୍କୁ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ପେନ୍‌ସନ ପ୍ରଦାନ କରାଯିବ । ଏଥିସହିତ ୭ଜଣ ପୂର୍ବତନ ଖବରଦାତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ କଲେଜରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବ।

ଏହି ଅବସରରେ ବରିଷ୍ଠ ଖବରଦାତା ନିରଞ୍ଜନ ରଥଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୩' ପ୍ରଦାନ କରାଯିବା ସହିତ ଝାଡ଼ଖଣ୍ଡ, ବେଙ୍ଗାଲୁରୁ, କୋଲକାତା, ମୁମ୍ବାଇ, ଦିଲ୍ଲୀ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୧୦ ଜଣ ବରିଷ୍ଠ ଖବରଦାତାଙ୍କୁ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିସହିତ ୨୦୨୨ରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସ୍ମାରକୀ ସମ୍ମାନ-୨୦୨୩ରେ ସମ୍ମାନିତ କରାଯିବ।

# ଭେଣ୍ଡିଂ ଜୋନ୍ ନିର୍ମାଣ ନିଷ୍ପତ୍ତିକୁ ବିରୋଧ

ପୁରୁଣା ଭୁବନେଶ୍ୱର,୧୧।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିଭିନ୍ନ ସମୟରେ ଯାନିଯାତ୍ରା ଅନୁଷ୍ଠିତ ହୋଇଥାଏ। ତନ୍ମଧ୍ୟରୁ ରୁକୁଣା ରଥଯାତ୍ରା ଅନ୍ୟତମ। ମା'ରୁକ୍ମୁଣା ଦେବୀଙ୍କୁ ସାଙ୍ଗରେ ଧରି ଶ୍ରୀଜୀଉମାନେ ରାମେଶ୍ୱର ମନ୍ଦିର ତଥା ମାଉସୀମା ମନ୍ଦିର ଯାତ୍ରା କରିଥାନ୍ତି। ପୂର୍ବରୁ ଏହି ରୁକୁଣା ରଥ ଗଡ଼ିବା ରାସ୍ତା ତଥା ରଥରୋଡଟି ପ୍ରଶସ୍ତ ଥିଲା। ଧୀରେ ଧୀରେ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ, ବ୍ୟବସାୟ ପ୍ରତିଷ୍ଠାନ ଗଢ଼ିଉଠିବାରୁ ସଙ୍କୁଚିତ ହୋଇଗଲାଣି। ଅନ୍ୟପକ୍ଷରେ ଜବରଦଖଲକାରୀ ଉଠାଦୋକାନୀଙ୍କୁ ଥଇଥାନ ଉଦ୍ଦେଶ୍ୟରେ ଗୌତମ ନଗର ମୌଜାରେ ରହିଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜମିରେ ଶୌଚାଳୟ ଓ ଭେଣ୍ଡିଂ ଜୋନ ନିର୍ମାଣ ହେବା ନେଇ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ହୋଇଛି। ତେବେ ଏହି ନିଷ୍ପତ୍ତିକୁ ବିଭିନ୍ନ ସଙ୍ଗଠନ ଓ ବୁଦ୍ଧିଜୀବୀଙ୍କ ମହଲରୁ ବିରୋଧ କରାଯାଇଛି। ରୁକୁଣା ରଥଯାତ୍ରା ସମୟରେ ବିଭିନ୍ନ ସାଂସ୍କୃତିକ ସମାବେଶ ପାଇଁ ଏହି ଜମିକୁ ବ୍ୟବହାର କରାଯାଇଥାଏ। ଏଥିସହ ଉକ୍ତ ଜମିରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥାଏ। ଏଠାରେ ଭେଣ୍ଡିଂ ଜୋନ ହେଲେ ରୁକୁଣା ରଥଯାତ୍ରା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସମାବେଶ ଏକପ୍ରକାର ଠପ୍ ହୋଇଯିବ ବୋଲି ରାମେଶ୍ୱର କ୍ଲବ ସମ୍ପାଦକ ଦୀପକ ମହାପାତ୍ର କହିଛନ୍ତି। ସେହିପରି ଆଞ୍ଚଳିକ ବିକାଶ ପରିଷଦ ସଭାପତି ବୃନ୍ଦାବନ ସାହୁ କହିଛନ୍ତି, ଭେଣ୍ଡିଂ ଜୋନ ହେଉ ମନାନାହିଁ, କିନ୍ତୁ ଠାକୁରଙ୍କ ପରମ୍ପରାକୁ ବଞ୍ଚାଇବାକୁ ହେଲେ ଏଠାରେ ଭେଣ୍ଡିଂ ଜୋନ ବନ୍ଦ କରାଯାଉ। ନଚେତ୍ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନ କରାଯିବ। କଂଗ୍ରେସ ନେତ୍ରୀ ରଶ୍ମି ମହାପାତ୍ର କହିଛନ୍ତି, ରଥଯାତ୍ରାବେଳେ ଏଠାରେ ବିଭିନ୍ନ ଉଠାଦୋକାନୀ ପସରା ମେଲାଇଥାନ୍ତି। ଏଠାରେ ଭେଣ୍ଡିଂ ଜୋନ କରାଗଲେ ଅନେକ ସମସ୍ୟା ସୃଷ୍ଟି ହେବ। ଉଠାଦୋକାନୀଙ୍କୁ ଅନ୍ୟତ୍ର ଭେଣ୍ଡିଂ ଜୋନ କରି ଥଇଥାନ କରାଯାଉ। ସ୍ଥାନୀୟ ବାସିନ୍ଦା ଦୀପକ ମହାପାତ୍ର କହିଛନ୍ତି, ଭେଣ୍ଡିଂ ଜୋନ ହେଲେ ଏହା ଧୀରେ ଧୀରେ ଫୁଟପାଥ୍ ମାର୍କେଟ ହୋଇଯିବ। ରାସ୍ତା ଉପରେ ଲୋକେ ପାର୍କିଂ କରୁଥିବାବେଳେ ଯାତ୍ରା ସମୟରେ ଭିଡ଼କୁ ଆୟତ୍ତ କରିବା ଅସମ୍ଭବ ହୋଇଯିବ। ସେହିପରି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଏହି ସମ୍ପତ୍ତି ଶ୍ରୀଲିଙ୍ଗରାଜଙ୍କର।ରୁକୁଣା ରଥଯାତ୍ରା ବେଳେ ଏହି ସମ୍ପତ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଠାରେ ଭେଣ୍ଡିଂଜୋନ କରାଇଦେବୁ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି, ଭେଣ୍ଡିଂ ଜୋନ୍‌ରେ ମାଛ, ମାଂସ ବିକ୍ରି କରାଯିବ ନାହିଁ। ଫୁଲ, ପୂଜା ସାମଗ୍ରୀ ଦୋକାନୀ ବସିପାରିବେ। ଏଠାରେ ରଙ୍ଗମଞ୍ଚ ବି ହୋଇପାରିବ ବୋଲି ସେ କହିଛନ୍ତି।



ଇନ୍‌ଫୋସିସ୍ ଫାଉଣ୍ଡେଶନ ଓ ଭାରତୀୟ ବିଦ୍ୟାଭବନ ପକ୍ଷରୁ ଚାଲିଥିବା ଲୁପ୍ତପ୍ରାୟ କଳା କାର୍ଯ୍ୟକ୍ରମର ଶନିବାର ଶେଷ ଦିନରେ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଅନନ୍ୟା ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ 'ବାରମାସେ ତେର ପରବ'। (ଫଟୋ- ବିକାଶ ନାୟକ)

## 'ମିଲେଟ୍ ରସମଲେଇ'

ଖା ଦ୍ୟ ରୁ ଚି

ଭୁବନେଶ୍ୱର, ୧୧।୧୧ (ବନ୍ଦନା ସେଠୀ): ମିଲେଟ୍‌ରେ ପ୍ରସ୍ତୁତ ଖାଦ୍ୟ ସୁଆଦିଆ ହେବା ସହ ସ୍ୱାସ୍ଥ୍ୟ ପାଇଁ ହିତକାର ମଧ୍ୟ ହୋଇଥାଏ। ଏହା ପୁଷ୍ଟିସାରରେ ଭରପୁର ହୋଇଥିବାରୁ ସ୍ୱାସ୍ଥ୍ୟବର୍ଦ୍ଧକ। ତେଣୁ ଏବେ ରାଜ୍ୟ ସରକାର ମିଲେଟ୍‌ର ବିଶ୍ୱସ୍ତରୀୟ ପ୍ରଚାରପ୍ରସାର ପାଇଁ ଅଣ୍ଟା ଭିଡିଛନ୍ତି। ମିଲେଟ୍‌ମଧ୍ୟରେ ଥିବା ମାଣ୍ଡିଆକୁ ନେଇ ଅନେକ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ ହେଉଛି। ଚଳିତ ସପ୍ତାହ ଖାଦ୍ୟରୁଚିରେ ମାଣ୍ଡିଆରେ ପ୍ରସ୍ତୁତ ଏକ ନୂତନ ଡିସ୍ ରହିଛି। ସାଧାରଣତଃ ଛେନା ଏବଂ କ୍ଷୀରରେ ରସମଲେଇ ପ୍ରସ୍ତୁତ ହେଉଥିବାବେଳେ ମାଣ୍ଡିଆକୁ ନେଇ କିପରି 'ମିଲେଟ୍ ରସମଲାଇ' ପ୍ରସ୍ତୁତ କରିହେବ ତାହାର ପ୍ରଣାଳୀ କୋରାପୁଟର ଫୁଡ୍ ବ୍ଲଗର ସୁରଭି ପାତ୍ରଙ୍କଠାରୁ ଜାଣିବା।



### ଆବଶ୍ୟକ ସାମଗ୍ରୀ

- କ୍ଷୀର – ୨ ଲିଟର
- ଲେମ୍ବୁରସ –୪ ଚାମଚ
- ମାଣ୍ଡିଆ – ୧/୪ କପ୍
- କାଜୁ – ୬ରୁ ୮ ଖଣ୍ଡ
- ଗୁଜୁରାତି – ୪ ଟା
- କେଶର – ୫ଟି
- ଚିନି – ଦେଢ଼କପ୍



ଫୁଡ୍ ବ୍ଲଗର ସୁରଭି ପାତ୍ର

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଦେଢ଼ ଲିଟର କ୍ଷୀର ଗରମ କରି ରଖିବା ପରେ ସେଥିରେ ୪ଚାମଚ ଲେମ୍ବୁରସକୁ ପକାଇ ଦେବେ। ଏବେ କ୍ଷୀର ଛିଡ଼ିଯିବା ପରେ ସେଥିରୁ ଛେନା କାଢି ତାକୁ ୩୦ ମିନିଟ୍ ପର୍ଯ୍ୟନ୍ତ ଘୋଡାଇ ରଖିବେ। ସେହି ଛେନାରେ ୧/୪ କପ୍ ମାଣ୍ଡିଆ ଚୂନା ପକାଇ ଭଲଭାବେ ମିଶାଇବେ। ଏବେ ସେଥିରେ ଛୋଟଛୋଟ ଗୁଳା ପ୍ରସ୍ତୁତ କରି ରଖିବେ। ଅନ୍ୟ ଏକ ପାତ୍ରରେ ୩କପ୍ ପାଣି ନେଇ ସେଥିରେ ୧କପ୍ ଚିନି ଓ ୨ଟି ଗୁଜୁରାତି ପକାଇ ସିରା ପ୍ରସ୍ତୁତ କରିବେ। ସେଥିରେ ଛେନା ଓ ମାଣ୍ଡିଆରେ ପ୍ରସ୍ତୁତ ଛୋଟଛୋଟ ଗୁଳାକୁ ପକାଇ ମିଡିୟମ୍ ଫ୍ଲେମ୍‌ରେ ୧୫ମିନିଟ୍ ଯାଏ ଗ୍ୟାସ୍‌ରେ ବସାଇବେ। ଏବେ ରାବିଡି ପାଇଁ ବଳକା ରହିଥିବା ଅଧ ଲିଟର କ୍ଷୀରକୁ ଲୋ ଫ୍ଲେମ୍‌ରେ ଶିଝାଇବେ। ସେଥିରେ ଅଧ କପ୍ ଚିନି, ଗୁଜୁରାତି, କେଶର ଏବଂ କାଜୁ ପକାଇବେ। କ୍ଷୀର ପୂରା ଥଣ୍ଡା ହୋଇଯିବା ପରେ ଏବେ ରାବିଡିରେ ଛେନା ଗୁଳାଗୁଡିକୁ ପକାଇଦେବେ। ପ୍ରସ୍ତୁତ ହୋଇଗଲା ମିଲେଟ୍ ରସମଲେଇ।

## ନୃତ୍ୟ ପ୍ରତିଯୋଗିତାରେ ଭାଗନେଲେ ୮୦ ଛାତ୍ରୀଛାତ୍ର

**ବାଲିଅନ୍ତା,୧୧।୧୧(ନୀଳମାଧବ ସାହୁ):** ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପକ୍ଷରୁ ଶନିବାର ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ଦେଶାତ୍ମବୋଧକ ଓ ଭଜନ ଉପରେ ନୃତ୍ୟ ପରିବେଷଣ କରିଥିଲେ। ପ୍ରତିଯୋଗିତାରେ ବିଚାରକ ରୂପେ ଓଡ଼ିଶୀ ନୃତ୍ୟଗୁରୁ ସୁଧାଂଶୁ କୁମାର ପୁହାଣ ଓ ମହେଶ୍ୱର ପ୍ରଧାନ ଯୋଗଦେଇଥିଲେ। ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ଅଭିଭାବକ ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ଏଥିରେ ତତ୍ତ୍ୱାବଧାନ କରିଥିଲେ। ଗୁରୁ ମା' ପ୍ରଭାସିନୀ ମହାନ୍ତି, ଅନ୍ନପୂର୍ଣ୍ଣା ଜେନା, ସୁପ୍ରିୟା ସାହୁ, ସୌଭାଗିନୀ ସାହୁ, ସୋନାଲି ପ୍ରଧାନ, ସୁଲୋଚନା ରଥ ଓ ଗୁରୁଜୀ ବିଶ୍ୱଭୂଷଣ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ୪ଟି ବିଭାଗର ଆୟୋଜିତ ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଶିଶୁ ଦିବସରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡିଛି।

## ମରୁଡ଼ି ସ୍ଥିତି: କ୍ଷେତ ପରିଦର୍ଶନ କଲେ କୃଷି ବିଭାଗ ଅଧିକାରୀ

ବେଗୁନିଆ,୧୧।୧୧(ହର ପ୍ରସନ୍ନ ପଣ୍ଡା)

ଚଳିତ ବର୍ଷ ଖରିଫ ଋତୁରେ ନିଅଣ୍ଟିଆ ବର୍ଷା ଯୋଗୁ ବେଗୁନିଆ ବ୍ଲକ ଅଞ୍ଚଳରେ ମରୁଡି ପରିସ୍ଥିତି ଉପୁଜିଛି। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବ୍ଲକ କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ କୃଷି ବିଭାଗ କର୍ମଚାରୀ ବୋତଲମା ଓ ବଡ଼ବେରଣା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଚାଷୀଙ୍କୁ ଭେଟିବା ସହିତ ସେମାନଙ୍କର ଫସଲ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶୁକ୍ରବାର ବଡବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଦାରୁଡିପ ଏବଂ ମହେଶ୍ୱରପୁର ମୌଜାକୁ ଯାଇ ଚାଷୀ କାର୍ତ୍ତିକ ନାୟକ, ଶରତ ଛାଟୋଇ, ବୈରାଗୀ ଛାଟୋଇ, ସଞ୍ଜୁ ନାୟକ, ପାର୍ଥ ସାରଥି ରାଉତ, ଗଙ୍ଗାଧର ଦାସ, ଶରତ ପ୍ରଧାନ, ସୁଧାଂଶୁ ଶେଖର ଦାସଙ୍କ ସମେତ ବହୁ ଚାଷୀଙ୍କ କ୍ଷେତ୍ର ପରିଦର୍ଶନ କରିଥିଲେ। ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥଙ୍କ ତତ୍ତ୍ୱାବଧାନରେ ସହକାରୀ କୃଷି ଅଧିକାରୀ ଶୁଭ୍ରାଂଶୁ କୁମାର ରାଉଳ, ଗ୍ରାମ୍ୟ କୃଷି କର୍ମଚାରୀ ବିଭୂତି ଭୂଷଣ ଦଳବେହେରା ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ କ୍ଷେତ ବୁଲି ଦେଖିଥିଲେ। ସୂଚନାଥାଉ କି, ଏହି ବ୍ଲକର ଚାଷୀଙ୍କ ଧାନ ଫସଲ ପାଇଁ ଆବଶ୍ୟକତା ଠାରୁ ୧୭% ନିଅଣ୍ଟିଆ ବର୍ଷା ହୋଇଛି।

# 'ଶିଶୁ ହସିଲେ ଦୁନିଆ ହସେ'

## ଲୟୋଲାରେ ବାର୍ଷିକ ଶିଶୁମେଳା

ଭୁବନେଶ୍ୱର, ୧୧।୧୧(ଅସମାପିକା ସାହୁ)

ଲୟୋଲା ସ୍କୁଲ ଭୁବନେଶ୍ୱରର ବାର୍ଷିକ ଶିଶୁମେଳା 'ଫେଟେ-୨୦୨୩' ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ଶିଶୁ ହସିଲେ ଦୁନିଆ ହସେ'- ବାର୍ତ୍ତାକୁ ନେଇ ଆୟୋଜିତ ଏହି ମେଳାକୁ ଜାମ୍‌ସେଦ୍‌ପୁର ପ୍ରୋଭିନ୍‌ସିପାଲ୍ ଡ. ଜେରୋମ କୁଟିନା ଉଦ୍‌ଘାଟନ କରିଥିଲେ। ରେକ୍ଟର ଫାଦର ଅଗଷ୍ଟିନ, ଅଧ୍ୟକ୍ଷ ଫାଦର ଏ. ଅମଲାଦସ, ଉପାଧ୍ୟକ୍ଷା ନନ୍ଦିତା ପଟ୍ଟନାୟକ, ଛାତ୍ର ସଭାପତି ଶ୍ରେୟା ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପିଲାମାନଙ୍କ ଦ୍ୱାରା ପ୍ରାର୍ଥନା ସଙ୍ଗୀତ ଗାନ କରାଯାଇଥିଲା। ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ ଫାଦର ପ୍ରୋଭିନ୍‌ସିପାଲ୍ ଏକ ପ୍ରେରଣାତ୍ମକ ବକ୍ତବ୍ୟ ଉପସ୍ଥାପିତ କରିଥିଲେ। ଦର୍ଶକ ତଥା ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ ପାଇଁ ଏ ବର୍ଷ ୪୧ଟି ଗେମ୍ ଷ୍ଟଲ୍, ଗୋଟିଏ ରିକ୍ୱେଷ୍ଟ କର୍ନର ଓ କଳା ପ୍ରଦର୍ଶନୀର ବ୍ୟବସ୍ଥା ହୋଇଥିଲା।



ଏଥିସହିତ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟର ମହକ ବିଦ୍ୟାଳୟ ପ୍ରାଙ୍ଗଣକୁ ମହକାଇ ଦେଇଥିଲା। ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଦ୍ୱାରା ଆୟୋଜିତ ନୃତ୍ୟ, ଗୀତ ସହିତ ବିଭିନ୍ନ ଯନ୍ତ୍ର ସଙ୍ଗୀତରେ ଦର୍ଶକମାନେ ଝୁମି ଉଠିଥିଲେ। ପୁରସ୍କାର ଘୋଷଣା ସହ ବିଦ୍ୟାଳୟ ଅଧ୍ୟକ୍ଷ ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।




ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ୩୦ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଶନିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ୱି ଫର୍ ଭୁବନେଶ୍ୱର ପକ୍ଷରୁ ରବୀନ୍ଦ୍ର ମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଧନ୍ୱନ୍ତରୀ ଜୟନ୍ତୀ

ବାରଙ୍ଗ,୧୧।୧୧
(ଲିଙ୍ଗରାଜ ରାଉତ)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଶ୍ରୀଶ୍ରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଧନ୍ୱନ୍ତରୀ ଜୟନ୍ତୀ ମହାସମାରୋହରେ ଶନିବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବେଦପାଠ, ଗୁରୁପୂଜା, ଧନ୍ୱନ୍ତରୀ ହୋମ ସହ ଶିକ୍ଷ୍ୟୋପନୟନ ଆଦି କାର୍ଯ୍ୟକ୍ରମ ପୂଜ୍ୟ ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କରଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଯାଇଛି। ଅଷ୍ଟମଜାତୀୟ ଆୟୁର୍ବେଦ ଦିବସ ଉପଲକ୍ଷେ ଆୟୁର୍ବେଦ ଆଧାରିତ ସ୍ଲୋଗାନ ସହ ୩୨ ପ୍ରକାର ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା।



ଆୟୁଷ ମନ୍ତ୍ରାଳୟ ଆୟୋଜିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତାରେ ମନୋନୀତ ଛାତ୍ରୀ କେ.ଆର ସନ୍ତୋଷିନୀ ଓ ଅଙ୍କିତା ବର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ର. ବି.ଆର୍. ଶର୍ମା, ପ୍ର. ଦୁର୍ଗାପ୍ରସାଦ ଦାଶଙ୍କ ସହ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ। ଡିନ୍ ପ୍ର. ପ୍ରଦୀପ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୋ ବସ୍ ଡିପୋ ମୁଖ୍ୟ ଫାଟକ ବଦଳିଲା

## ଧାରଣା, ରାସ୍ତାରୋକୋ ପରେ ଚେତିଲା କ୍ରୁଟ୍

ଭୁବନେଶ୍ୱର, ୧୧।୧୧ (ବନ୍ଦନା ସେଠୀ)

ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କ ଆଗରେ ମୁଣ୍ଡ ନୁଆଁଇଲା ପ୍ରଶାସନ। ଶନିବାର ଧାରଣା ଓ ରାସ୍ତାରୋକୋ ପରେ ପାତ୍ରପଡ଼ା ମୋ ବସ୍ ଡିପୋର ମୁଖ୍ୟ ଫାଟକକୁ ବନ୍ଦ କରାଯାଇ ପଛପାର୍ଶ୍ୱରେ ଫାଟକ ଖୋଲିଲା କ୍ରୁଟ୍। ଏହି ବସ୍ ଡିପୋ ସାମ୍ନାରେ ପାତ୍ରପଡା ନୋଡାଲ ହାଇସ୍କୁଲ ରହିଛି। ମାତ୍ର ମୋ ବସ୍ ଡ୍ରାଇଭରଙ୍କ ମନମାନୀ ତଥା ବେପରୁଆ ଗାଡ଼ି ଚାଳନା ପାଇଁ ସ୍ଥାନୀୟ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିଲା। ଏପରିକି ଉକ୍ତ ରାସ୍ତାରେ ବସ୍ ଦୁର୍ଘଟଣାରେ ଗାଈଗୋରୁ ଆହତ ହେବା ସହ ମରୁଥିଲେ। ଏହାକୁ ବିରୋଧ କରିବା ସହ ଗ୍ରାମବାସୀ ମୁଖ୍ୟ ଫାଟକ ବନ୍ଦ କରିବାକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ମୋ ବସ୍ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିଲେ। ଏହାକୁ ନେଇ ଅସନ୍ତୋଷ ବଢ଼ି ଚାଲିଥିଲା। ତେବେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀଙ୍କ ନେତୃତ୍ୱରେ ଶନିବାର ବସ୍ ଡିପୋ ମୁଖ୍ୟ ଫାଟକକୁ ବନ୍ଦ କରାଯାଇ ରାସ୍ତାରୋକୋ କରାଯାଇଥିଲା। ଫଳରେ ସକାଳଠାରୁ ପାତ୍ରପଡା ରୁଟ୍ ଦେଇ କୌଣସି ବସ୍ ଚାଲିପାରି ନ ଥିଲା। ଗ୍ରାମବାସୀଙ୍କୁ ସମର୍ଥନ କରି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଗ୍ରାମବାସୀ, ସ୍କୁଲ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ ଓ ବିରୋଧ ଆଗରେ ଶେଷରେ ମୋ ବସ୍ କର୍ତ୍ତୃପକ୍ଷ ମୁଖ୍ୟ ଫାଟକକୁ ବଦଳାଇଥିଲେ। କ୍ରୁଟ୍‌ର ନିର୍ଦ୍ଦେଶକ ଅରୁଣ ବୋଥ୍ରା ଫୋନ୍ ଯୋଗେ ବିଧାୟକ ରାଉତରାୟ ଓ କର୍ପୋରେଟର ପାଟଶାଣୀଙ୍କ ସହ ଆଲୋଚନା କରି ଗ୍ରାମବାସୀଙ୍କ ଦୁଇଦଫା ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ବସ୍ ଡିପୋ ପଛପଟ ପାଚେରି ଭଙ୍ଗା ଯାଇ ନୂଆ ଫାଟକ ଖୋଲାଯାଇଥିଲା। ଆନ୍ଦୋଳନରେ ଗ୍ରାମର ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ଗୁମାନସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜ୍ୟୋତିର୍ମୟୀ ସ୍ୱାଇଁ, ଜଗବନ୍ଧୁ ସାହୁ, ଶଙ୍କର ଚରଣ ଦାସ, ଜାନକୀ ବଲ୍ଲଭ ପଟ୍ଟନାୟକ, ଅତିସ କୁମାର ମାର୍ଥା, ରବୀନ୍ଦ୍ରନାଥ ସାହୁ, ବ୍ରଜକିଶୋର ଖୁଣ୍ଟିଆ ପ୍ରମୁଖଙ୍କ ସହ ପାତ୍ରପଡ଼ା-ଭଗବାନପୁର ଯୁବାବାହିନୀର ସଦସ୍ୟ ସାମିଲ ଥିଲେ।




ରେଡ୍‌କ୍ରସ ଭବନରେ ଶନିବାର ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅମିୟ ପାଣ୍ଡବଙ୍କ ୧୨ତମ ପୁସ୍ତକ 'ଦ୍ୱେଷଦ୍ରୋହୀ'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)




ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର କଲ୍ୟାଣ ସମିତି ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୧୦ମ ବାର୍ଷିକ ଉତ୍ସବ 'ଉଲ୍ଲାସର ରଙ୍ଗ'ରେ ଶନିବାର କଣ୍ଠଶିଳ୍ପୀମାନେ ସାଇ ବାବାଙ୍କ ଭଜନ ପରିବେଷଣ କରୁଛନ୍ତି।




ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ ଭବନରେ ଶନିବାର ଓଡ଼ିଶା ଲୋକ କଲ୍ୟାଣ ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

## ସଂକ୍ଷେପରେ

### ବାଣ ଜବତ, ୨ ଅଟକ

**ଟାଙ୍ଗୀ,୧୧।୧୧(ରଘୁନାଥ ସାହୁ)**

ଦୀପାବଳି ପାଇଁ ଉତ୍ସବମୁଖର ହୋଇଉଠିଛି ଗାଁରୁ ସହର। ତେବେ ଏହି ଦିନ ଛୋଟରୁ ବଡ଼ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ବାଣ ଫୁଟାଇଥାନ୍ତି। ତେବେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗ୍ରାମୀୟ ପୁଲିସ ଓ ଅଗ୍ନିଶମ ବିଭାଗର ବିନା ଅନୁମତିରେ ବାଣ ଦୋକାନ ଖୋଲାଯାଇ ବିକ୍ରି ହେଉଛି। ଖବରପାଇ ଟାଙ୍ଗୀ ଥାନା ପୋଲିସ କାଳୁପଡ଼ାଘାଟ ଅଞ୍ଚଳରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିବା ସହ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଉଛି।

### ସବୁଜ ବାଣକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ

**ଖୋର୍ଦ୍ଧା,୧୧।୧୧(ପ୍ରଭାତ ପାଣିଗ୍ରାହୀ)**

ଚଳିତବର୍ଷ ସମଗ୍ର ଭାରତବର୍ଷରେ ଶବ୍ଦଭେଦି ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟ କଟକଣା ଜାରି କରିଛନ୍ତି। ଦୀପାବଳିରେ କେବଳ ପରିବେଶ ଅନୁକୂଳ ସବୁଜ ବାଣ(ଗ୍ରୀନ୍ କ୍ରାକର) ଫୁଟାଇବାକୁ ଅନୁମତି ରହିଛି। ପେଟ୍ରୋଲିୟମ ଓ ବିସ୍ଫୋରକ ନିରାପତ୍ତା ସଂଗଠନ ଅନୁମତିପ୍ରାପ୍ତ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ରାତି ୧୦ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ନିର୍ଦ୍ଦେଶ ରହିଛି। ଅନ୍ୟପଟେ ଏହି ସବୁଜ ବାଣକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ଦେଖାଦେଇଛି। ବାଣ ଦୋକାନ ଖୋଲିବାକୁ ବିଳମ୍ବରେ ଅନୁମତି ମିଳିଥିଲା। ଫଳରେ ଅନେକ ବାଣ ଦୋକାନ ଖୋଲିପାରିନାହିଁ। ପୁଣି ବାଣ ଦୋକାନରେ ପୋଲିସର ଚଢ଼ାଉ ଯୋଗୁ ସହରରେ ଫୁଟ୍‌ପାଥ ବାଣ ଦୋକାନ ନାହିଁ। ଏନେଇ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ଶବ୍ଦଭେଦି ବାଣ ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ପ୍ରାଣୀଜଗତ ଏବଂ ଗୁରୁତର ରୋଗୀଙ୍କ ଉପରେ ପ୍ରଭାବ ପଡ଼ିଥାଏ। ତେଣୁ ପରିବେଶ ଅନୁକୂଳ ସବୁଜ ବାଣ ଫୁଟାନ୍ତୁ। ସେହିପରି ଆଇନଜୀବୀ ଶିଶିର ପରିଡ଼ା କହିଛନ୍ତି, ସୁପ୍ରିମକୋର୍ଟ ପରିବେଶ ଅନୁକୂଳ ବାଣ ଫୁଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସବୁଜ ବାଣ କ'ଣ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପରିବେଶପ୍ରେମୀ ଧନେଶ୍ୱର ବିଧାର କହିଛନ୍ତି, ସବୁଜ ବାଣ ଅନ୍ୟ ବାଣ ତୁଳନାରେ କମ୍ ପ୍ରଦୂଷଣ କରିଥାଏ। ଏଥିରେ କମ୍ ମାତ୍ରାରେ ରାସାୟନିକ ପଦାର୍ଥ ମିଶିଥାଏ। ଗୋଟିଏ ସାଧାରଣ ବାଣ ପ୍ରାୟ ୧୬୦ ଡେସିବଲ ଶବ୍ଦ କରୁଥିବା ବେଳେ ଗ୍ରୀନ୍ କ୍ରାକର ୧୧୦ରୁ ୧୨୫ ଡେସିବଲ ଶବ୍ଦ ସୃଷ୍ଟି କରିଥାଏ। ଶବ୍ଦଭେଦି ବାଣ ଯୋଗୁ ପ୍ରାଣୀମାନେ ବେଶି ଭୟଭୀତ ହୋଇଥାନ୍ତି। ତେଣୁ ପରିବେଶ ଉପଯୋଗୀ ବାଣ ଫୁଟାଇବା ଉଚିତ।

### ନୃତ୍ୟ ପ୍ରତିଯୋଗିତାରେ ଭାଗନେଲେ ୮୦ ଛାତ୍ରୀଛାତ୍ର

**ବାଲିଅନ୍ତା,୧୧।୧୧(ନୀଳମାଧବ ସାହୁ)**

ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପକ୍ଷରୁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୮୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ଦେଶାତ୍ମବୋଧକ ଓ ଭଜନ ଉପରେ ନୃତ୍ୟ ପରିବେଷଣ କରିଥିଲେ। ବିଚାରକଭାବେ ଓଡ଼ିଶୀ ନୃତ୍ୟଗୁରୁ ସୁଧାଂଶୁ ପୁହାଣ ଓ ମହେଶ୍ୱର ପ୍ରଧାନ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ଏଥିରେ ତତ୍ତ୍ୱାବଧାନ କରିଥିଲେ।

# ୩ ଦଫା ଦାବିରେ ଚାଷୀଙ୍କ ରାସ୍ତାରୋକୋ



ନିରାକାରପୁରସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ ନୂଆ ଜଗନ୍ନାଥ ସଡ଼କ ଅବରୋଧ କରାଯାଇଛି।

**ନିରାକାରପୁର,୧୧।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଜଳସେଚନର ସୁବିଧା ନ ଥିବା ଓ ବର୍ଷା ଅଭାବରୁ ବୋଲଗଡ଼ ବ୍ଲକ ଅଞ୍ଚଳରେ ଜମି ଫାଟି ଆଁ କରିବା ସହ ଧାନକେଣ୍ଡା ଶୁଖିଗଲାଣି। ଏପରିକି ମରୁଡ଼ି ଭଳି ସ୍ଥିତି ଉପୁଜିଲାଣି। ଏନେଇ ଚାଷୀମାନେ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲାନାହିଁ। ଏହାର ପ୍ରତିବାଦରେ ଶନିବାର ନିରାକାରପୁର, ଡିଆ, ରାମେଶ୍ୱର ଓ ଲେମ୍ବୋ ପଞ୍ଚାୟତ ଅଞ୍ଚଳର ଚାଷୀମାନେ ୩ ଦଫା ଦାବିରେ ନିରାକାରପୁରସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ ମୁଖ୍ୟ ଫାଟକ ସମ୍ମୁଖ ନୂଆ ଜଗନ୍ନାଥ ସଡ଼କରେ ଲଙ୍ଗଳ ଓ ଧାନକେଣ୍ଡା ରଖି ରାସ୍ତା ଅବରୋଧ କରିଥିଲେ। ତୁରନ୍ତ ଚାଷଜମିକୁ ପାଣି ଯୋଗାଇଦେବା, ଚାଷୀଙ୍କୁ କ୍ଷତିପୂରଣ ଏବଂ ଶୁକ୍ରବାର ରାତିରେ ଜଣେ ଚାଷୀଙ୍କୁ ପୋଲିସ ଥାନାକୁ ନେଇଯାଇଥିବାରୁ ତାଙ୍କୁ ସମ୍ମାନର ସହ ଛାଡ଼ିବା ଆଦି ଦାବି ରହିଥିଲା। ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୨ଟା ୪୫ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ଚାଷୀମାନେ ରାସ୍ତା ଅବରୋଧ କରିବା ସହିତ ଧାରଣାରେ ବସିରହିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଜିଲା ଆରକ୍ଷୀ ଅଧିକାରୀ କିଶୋର ଚନ୍ଦ୍ର ମୁଣ୍ଡ, ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଟାଙ୍ଗୀ ତହସିଲଦାର ମିତାଲି ବେହେରା ପ୍ରମୁଖ ପହଞ୍ଚି ଧାରଣାରେ ବସିଥିବା ଚାଷୀଙ୍କୁ ବୁଝାଶୁଝା କରିବା ସହ ଆଲୋଚନା କରିଥିଲେ। ଆସନ୍ତା ସୋମବାର ଅପରାହ୍ନରେ ନେତୃତ୍ୱ ନେଇଥିବା ଚାଷୀଙ୍କ ସହିତ ଖୋର୍ଦ୍ଧାଠାରେ ଅଧିକାରୀମାନେ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ଉପଜିଲାପାଳ ସେଠୀ କହିଥିଲେ। ସେହିପରି ଯେଉଁ ଚାଷୀ ଜଣଙ୍କ ଥାନାରେ ଅଛନ୍ତି ତାଙ୍କୁ ଗିରଫ କରାଯାଇ ନାହିଁ। ତାଙ୍କ ଫସଲ ଉଜୁଡ଼ିବାକୁ ବସିଥିବା ବେଳେ ସେ ଭାଙ୍ଗିପଡ଼ିଛନ୍ତି। କାଳେ କୌଣସି ଚରମ ନିଷ୍ପତ୍ତି ନେବେ ତେଣୁ ତାଙ୍କୁ ଆଣିଥିଲୁ। ତାଙ୍କୁ ଛାଡ଼ି ଦିଆଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧିକାରୀ କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଉକ୍ତ ଚାଷୀ ଜଣଙ୍କ ପହଞ୍ଚିବା ପରେ ଚାଷୀମାନେ ତାଙ୍କୁ ଫୁଲମାଳ ଦେଇ ସ୍ୱାଗତ କରି ଘରକୁ ଆଣିଥିଲେ। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଧାରଣାସ୍ଥଳରେ ଶାନ୍ତିଶୃଙ୍ଖଳା ପାଇଁ ୪ ସେକ୍ସନ ପୋଲିସ ଫୋର୍ସ ମୁତୟନ ହେବା ସହିତ ପୋଲିସ ଅଧିକାରୀମାନେ ନିୟୋଜିତ ଥିଲେ ବୋଲି ନିରାକାରପୁର ଥାନା ଅଧିକାରୀ ସୁଚିତ୍ରା ଜେନା ସୂଚନା ଦେଇଛନ୍ତି।

## କୃଷି ବିଭାଗ କର୍ମଚାରୀଙ୍କ କ୍ଷେତ୍ର ପରିଦର୍ଶନ



କୃଷି ବିଭାଗ କର୍ମଚାରୀ ଧାନ ଫସଲ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ବେଗୁନିଆ,୧୧।୧୧(ହର ପ୍ରସନ୍ନ ପଣ୍ଡା)**

ଚଳିତ ବର୍ଷ ଖରିଫ ଋତୁରେ ନିଅଣ୍ଟିଆ ବର୍ଷା ଯୋଗୁ ଧାନ ଫସଲ ଉପରେ ପ୍ରଭାବ ପଡିଛି। ବେଗୁନିଆ ବ୍ଲକ ଅଞ୍ଚଳରେ ମରୁଡି ପରିସ୍ଥିତି ଉପୁଜିଛି। ଏନେଇ ବିଭାଗୀୟ ଅଧିକାରୀ, ଜିଲାପାଳ ଏବଂ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ ହୋଇଛି। ତେବେ ଜମିରେ ହୋଇଥିବା ଧାନ ଫସଲର ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଜିଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବ୍ଲକ କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ କୃଷି ବିଭାଗ କର୍ମଚାରୀ ବୋତଲମା ଓ ବଡ଼ବେରଣା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଚାଷୀଙ୍କୁ ଭେଟିବା ସହିତ ସେମାନଙ୍କର ଫସଲ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶୁକ୍ରବାର ବଡବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଦାରୁଢିପ ଏବଂ ମହେଶ୍ୱରପୁର ମୌଜାକୁ ଯାଇ ଚାଷୀ କାର୍ତ୍ତିକ ନାୟକ, ଶରତ ଛାଟୋଇ, ବୈରାଗୀ ଛାଟୋଇ, ସଞ୍ଜୁ ନାୟକ, ପାର୍ଥ ସାରଥି ରାଉତ, ଗଙ୍ଗାଧର ଦାସ, ଶରତ ପ୍ରଧାନ, ସୁଧାଂଶୁ ଶେଖର ଦାସଙ୍କ ସମେତ ବହୁ ଚାଷୀଙ୍କ କ୍ଷେତ୍ର ପରିଦର୍ଶନ କରିଥିଲେ। ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥଙ୍କ ତତ୍ତ୍ୱାବଧାନରେ ସହକାରୀ କୃଷି ଅଧିକାରୀ ଶୁଭ୍ରାଂଶୁ କୁମାର ରାଉଳ, ଗ୍ରାମ୍ୟ କୃଷି କର୍ମଚାରୀ ବିଭୂତି ଭୂଷଣ ଦଳବେହେରା ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ କ୍ଷେତ ବୁଲି ଦେଖିଥିଲେ। ସୂଚନାଥାଉ କି, ଏହି ବ୍ଲକର ଚାଷୀଙ୍କ ଧାନ ଫସଲ ପାଇଁ ଆବଶ୍ୟକତା ଠାରୁ ୧୭% ନିଅଣ୍ଟିଆ ବର୍ଷା ହୋଇଛି। ଫଳରେ ୮୦ ପ୍ରତିଶତ ଜମିରେ ଧାନ ଫସଲ ଉଜୁଡ଼ିଯିବା ଆଶଙ୍କା ରହିଛି। ସରକାରଙ୍କ ପକ୍ଷରୁ ଉପଯୁକ୍ତ ଅନୁଧ୍ୟାନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ରଥ କହିଛନ୍ତି, ଧାନ ଫସଲର ସ୍ଥିତି ଅନୁଧ୍ୟାନ କରାଯାଉଛି। ତେବେ ସମସ୍ତ ୨୧ ପଞ୍ଚାୟତର ଚାଷୀଙ୍କ ଫସଲ କ୍ଷତିର ସମ୍ପୂର୍ଣ୍ଣ ଆକଳନ ପରେ ସରକାରଙ୍କୁ ଜଣାଇବୁ।

# ସ୍ୱଚ୍ଛ, ସବୁଜ ଦୀପାବଳିର ବାର୍ତ୍ତା ଦେଲେ ଛାତ୍ରୀଛାତ୍ର



**ଖୋର୍ଦ୍ଧା,୧୧।୧୧(ପ୍ରଭାତ ପାଣିଗ୍ରାହୀ)**

ରବିବାର ଆଲୋକର ପର୍ବ ଦୀପାବଳି। ନିକଟରେ ସୁପ୍ରିମ୍‌କୋର୍ଟ ବାଣ ଫୁଟାଇବା ଉପରେ କଟକଣା ଜାରି କରିଛନ୍ତି। ଶବ୍ଦଭେଦି ବାଣ ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ଏ ଦିଗରେ ଜନସଚେତନତା ଉଦ୍ଦେଶ୍ୟରେ ଶନିବାର ସ୍ଥାନୀୟ ବିଡିଏ କଲୋନିସ୍ଥିତ ସିଗ୍‌ମା ସ୍କୁଲର ଛାତ୍ରୀଛାତ୍ର ସ୍ୱଚ୍ଛ ସବୁଜ ଦୀପାବଳିର ବାର୍ତ୍ତା ଦେଇଛନ୍ତି। ସ୍କୁଲ ସମ୍ମୁଖ ପଡ଼ିଆରେ ସୁନ୍ଦର ଝୋଟିଚିତା କାଟି, ଗଛପତ୍ର ରଖି, ଦୀପ ଜାଳି ସଚେତନତାର ବାର୍ତ୍ତା ଦେଇଛନ୍ତି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ। ଦୀପାବଳିରେ ବାଣ ଫୁଟାଇବା ଦ୍ୱାରା ଗୁରୁତର ରୋଗୀ, ଶିଶୁ, ଗର୍ଭବତୀ, ହୃଦ୍‌ରୋଗୀଙ୍କ ସମେତ ପ୍ରାଣୀଜଗତ ଉପରେ ବିଶେଷ ପ୍ରଭାବ ପଡ଼ିଥାଏ। ଏଥିସହିତ ପରିବେଶ ପ୍ରଦୂଷିତ ହୋଇଥାଏ। ଦୀପାବଳିରେ ପାରମ୍ପରିକ ରୀତିନୀତିରେ ମନ୍ଦିର, ଚଉରାମୂଳ, ଘର ବାରଣ୍ଡାରେ ସୁନ୍ଦର ଝୋଟି ଆଙ୍କି ଦୀପ ପ୍ରଜ୍ୱଳନ କରିବାକୁ ଛାତ୍ରୀଛାତ୍ରମାନେ ଆହ୍ୱାନ ଦେଇଛନ୍ତି। ଗୃହକୁ ଦୀପ ଓ ଆଲୋକମାଳାରେ ସୁସଜ୍ଜିତ କରନ୍ତୁ। ଏହି ଅବସରରେ ଛାତ୍ରୀଛାତ୍ର ସୁନ୍ଦର ଝୋଟି ଚିତ୍ର ଅଙ୍କନ ସହ ଚାରାଟିଏ ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଦୀପ ପ୍ରଜ୍ୱଳନ କରି ଦୀପାବଳିର ଶୁଭେଚ୍ଛା ଜଣାଇଥିଲେ। ସ୍କୁଲ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ସବୁଜ ଓ ସୁରକ୍ଷିତ ଦୀପାବଳିର ବାର୍ତ୍ତା ଦେଇଥିଲେ। ଶିକ୍ଷକ ବିରଞ୍ଚି ନାରାୟଣ ପଣ୍ଡା, ଜ୍ୟୋତିପ୍ରକାଶ ସାହୁ, ତୁଷାର ରଞ୍ଜନ ମହାନ୍ତି, ବସନ୍ତ କୁମାର ଖୁଣ୍ଟିଆ, ଜୟନ୍ତୀ ବେହେରା, ଦୀପ୍ତିମୟୀ ମହାରଣା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ଶ୍ରୀରାମଚରିତ ମାନସ ପାରାୟଣ ମହାଯଜ୍ଞ ଉଦ୍‌ଯାପିତ

**ବୋଲଗଡ଼,୧୧।୧୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ନାଉପଡ଼ା ଗ୍ରାମରେ ୩୧ତମ ଶ୍ରୀରାମଚରିତ ମାନସ ପାରାୟଣ ମହାଯଜ୍ଞ ଶନିବାର ପୂର୍ଣ୍ଣାହୁତି ପ୍ରଦାନ ସହ ଉଦ୍‌ଯାପିତ ହୋଇଯାଇଛି। ୪ଦିନ ଧରି ରାସବିହାରୀ ଦେବଙ୍କ ପୀଠରେ ଆୟୋଜିତ ଏହି ମହାଯଜ୍ଞରେ କର୍ତ୍ତାଭାବେ ପ୍ରମୋଦ ପ୍ରଧାନ ସହଧର୍ମିଣୀଙ୍କ ସହ ଉପବିଷ୍ଟ ଥିଲେ। ବ୍ୟାସଭାବେ ବିପିନ ବିହାରୀ ଦାସ, ଧାରକଭାବେ ଧନେଶ୍ୱର ଖାଡ଼ଙ୍ଗା ଓ ଆଚାର୍ଯ୍ୟ ଭାବେ ଦୀନବନ୍ଧୁ ହୋତା ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ଗ୍ରାମବାସୀଙ୍କ ପକ୍ଷରୁ କଳସ ଯାତ୍ରା, ଘଟ ସ୍ଥାପନ ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ଅନ୍ୟ ଦିବସରେ ପ୍ରବଚକ ପଣ୍ଡିତ ନାରାୟଣ ପଣ୍ଡା ପ୍ରବଚନ ପ୍ରଦାନ କରିଥିଲେ। ଶନିବାର ପୂର୍ଣ୍ଣାହୁତି ପ୍ରଦାନ ସହିତ ଚରୁ ଓ ବ୍ୟାସପୂଜା ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ସନ୍ଧ୍ୟାରେ 'ରାମ ନାଟକ' ପରିବେଷଣ ହୋଇଥିଲା। ଆୟୋଜକ କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଶ୍ୱକୁ ଧନ୍ୱନ୍ତରୀଙ୍କ ଆୟୁର୍ବେଦ ଏକ ବରଦାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୧୧।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ଧନ୍ୱନ୍ତରୀ ପାଳନ କମିଟି ଏବଂ ଖୋର୍ଦ୍ଧା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୀତାଭବନ ପରିସରରେ ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଅଖିଳ ଭାରତୀୟ ଆୟୁର୍ବେଦିକ୍ ସେବା ସଂଘର କେନ୍ଦ୍ରୀୟ ସଭାପତି ପ୍ରଫେସର ଡା. ଯୋଗେଶ ଚନ୍ଦ୍ର ରଥ, ଜାତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ଡା. ଉମେଶ ଚନ୍ଦ୍ର ପୃଷ୍ଟି, ସାହିତ୍ୟ ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ, ଉତ୍ସବ କମିଟିର ସମ୍ପାଦକ ଡା. ଯୋଗେନ୍ଦ୍ର ପଣ୍ଡା, ଅଧିବକ୍ତା ଶକ୍ତି ଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ଭଗବାନ ଧନ୍ୱନ୍ତରୀ ଏବଂ ଆୟୁର୍ବେଦ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଆୟୁର୍ବେଦ ବିଶ୍ୱକୁ ଧନ୍ୱନ୍ତରୀଙ୍କ ବରଦାନ ବୋଲି କହିଥିଲେ। ପ୍ରାରମ୍ଭରେ ସାହିତ୍ୟ ସଂସଦର ଉପସଭାପତି ଇତିଶ୍ରୀ ସାହୁଙ୍କ ପୌରୋହିତ୍ୟ ଏବଂ ସୌଦାମିନୀ ପଟ୍ଟନାୟକ, ଡ. ଚପଳା ପଣ୍ଡା, ଜ୍ୟୋତିପ୍ରଭା ପଟ୍ଟନାୟକଙ୍କ ମିଳିତ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଆୟୁର୍ବେଦ ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବରେ ଡା. ରେଣୁବାଳା ରଥ, ଡା. ସତ୍ୟନାରାୟଣ ମହାପାତ୍ର, ଡା. ସସ୍ମିତା ପଟ୍ଟନାୟକ, ଡା. ଉର୍ମିଳା ଦେବୀ, ଡା. ନଳିନୀ ରଞ୍ଜନ ରାୟ, ଡା. ସ୍ୱପ୍ନ କୁମାର ଭଞ୍ଜସାମନ୍ତ, କବିରାଜ ପ୍ରଫୁଲ୍ଲ ଦାଶ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଡ. ବୃନ୍ଦାବନ ପଣ୍ଡା, ବିଜୟିନୀ ଷଡ଼ଙ୍ଗୀ, ଗୋବିନ୍ଦ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇଥିଲେ। ସଂସଦର ସମ୍ପାଦକ ବିଭୁପ୍ରସାଦ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

## 'ବିଶ୍ୱବ୍ରହ୍ମାଣ୍ଡର ବାଲ୍ୟଗୁରୁ ହେଉଛି ଶିକ୍ଷା'

**ବେଗୁନିଆ,୧୧।୧୧(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମା ନୂଆସାହିସ୍ଥିତ ଆମ୍ରକାନନ ପରିସରରେ ଶନିବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ଉଦୟନାଥ ଦାଶ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସଂସଦର ସଭାପତି ଡ. ହରି ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବକ୍ତା ଭାବେ ପ୍ରବଚକ ବୀରେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ଏବଂ ଗାୟକ ବସନ୍ତ ଦାସ ବେଦପାଠ କରିଥିଲେ। ସଂସଦର ଦିବଂଗତ ସଦସ୍ୟ ସୁରେନ୍ଦ୍ର କୁମାର ଦାସଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ବିଶ୍ୱରୂପା ଭବାନୀ ଶିକ୍ଷା ସଙ୍ଗୀତ ଗାନ କରିଥିଲେ। 'ଶିକ୍ଷା ହିଁ ଜୀବନ' ଶୀର୍ଷକ ଆଲୋଚନା କରାଯାଇଥିଲା। ଶିକ୍ଷା ଏକ ଜୀବନବ୍ୟାପୀ ପ୍ରକ୍ରିୟା, ଯାହାର କୌଣସି ଅନ୍ତ ନ ଥାଏ। ସାରା ବିଶ୍ୱବ୍ରହ୍ମାଣ୍ଡର ବାଲ୍ୟଗୁରୁ ହେଉଛି ଶିକ୍ଷା ବୋଲି ଅତିଥି ଦାଶ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଧାକର ସାମନ୍ତରାୟ, ଡ. ଦୋଳଗୋବିନ୍ଦ ସାହୁ, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ବସନ୍ତ ହୋତା, ସୁରେନ୍ଦ୍ର ପାଲ୍‌ଟାସିଂହ, ମୋହିଉଦ୍ଦିନ ଅହମ୍ମଦ, ଅଜ୍‌ମଦ ଖାନ୍, ଅଶ୍ୱିନୀ ପଟ୍ଟନାୟକ, ଶରତ ଚନ୍ଦ୍ର ମହାପାତ୍ର, ମାନସ ମହାପାତ୍ର, ଜଗଦୀଶ ଚନ୍ଦ୍ର ପାତ୍ର, ବ୍ରଜବନ୍ଧୁ ପଣ୍ଡା, ହରିବନ୍ଧୁ ପଣ୍ଡା, ଭାଗୀରଥି ପରିଡ଼ା, ପ୍ରସନ୍ନ ମଣ୍ଡଳ, ଦିବାକର ସାହୁ, ଇଂ. ରାମ ମାନସ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସଂଘମିତ୍ରା ରଥ ଧନ୍ୟବାଦ ଦେଇଥିଲେ।

# 'ଶିକ୍ଷା ମଣିଷ ଜୀବନକୁ ସୁଖମୟ କରିଥାଏ'




କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବୋଲଗଡ଼,୧୧।୧୧(ଦେବବ୍ରତ ହୋତା)**

ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଶନିବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ତଥା ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ୧୩୫ତମ ପୁଣ୍ୟ ଜନ୍ମତିଥି ଉପଲକ୍ଷେ ଅନୁଷ୍ଠିତ ଭାରତୀୟ ଜାତୀୟ ଶିକ୍ଷାନୀତି-୨୦୨୦ ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷାର ସଂସ୍କାର ଶୀର୍ଷକ ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଗାନ୍ଧୀ କୁମାର ସାହୁ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ମୌଲାନା ଆଜାଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ପରେ ଛାତ୍ରୀଛାତ୍ରମାନେ ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ ପ୍ରାଧ୍ୟାପକ ହେମନ୍ତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଡ. ରଞ୍ଜନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଛାତ୍ରୀ ହରପ୍ରିୟା ସାହୁ, ଅର୍ପିତା ମହାରଣା ଓ ଲିଜାରାଣୀ ପ୍ରଧାନ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥିଭାବେ ମିଜୋରାମ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ତଥା ଅଧୁନା କିସ୍ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ବନବିହାରୀ ମିଶ୍ର ଯୋଗଦେଇ ଶିକ୍ଷା ମଣିଷ ଜୀବନକୁ ସୁଖମୟ କରିଥାଏ ବୋଲି ବକ୍ତବ୍ୟ ରଖିଥିଲେ। ସେହିପରି ମୁଖ୍ୟବକ୍ତାଭାବେ ବଳଙ୍ଗା କଲେଜ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ. ପ୍ରଦୋଷ କୁମାର ପତି ଯୋଗଦେଇ ସହଯୋଗାତ୍ମକ ଶିକ୍ଷଣ-ଶିକ୍ଷଣ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ ଓ ଜୀବନ୍ତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ସମ୍ପାଦକ ଅବିନାଶ ସୁବୁଦ୍ଧି ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଗଣେଶ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଦୀପାବଳି ପାଇଁ ବଜାରରେ ଭିଡ଼

**ଖୋର୍ଦ୍ଧା,୧୧।୧୧(ପ୍ରଭାତ ପାଣିଗ୍ରାହୀ)**

### ସବୁଠି ଗହଳି, ଗ୍ରାହକଙ୍କ ଲମ୍ଫାଧାଡ଼ି



ଜଟଣୀ ବାଣ ବଜାରର ଏକ ଦୋକାନରେ ଗ୍ରାହକଙ୍କ ଭିଡ଼।

ରବିବାର ଆଲୋକର ପର୍ବ ଦୀପାବଳି। ଏଥିପାଇଁ ଖୋର୍ଦ୍ଧା ସହର ଚଳଚଞ୍ଚଳ ହୋଇଉଠିଛି। ସୁନା, ମାଟିଦୀପ, ଆଲୋକମାଳା, କାଉଁରିଆ କାଠି, ଫଳ ଆଦି କିଣିବା ପାଇଁ ବଜାରରେ ପ୍ରବଳ ଭିଡ଼ ହୋଇଥିଲା। ଦୀପାବଳି ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳନ ଲାଗି ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସହରର ବିଭିନ୍ନ ଛକରେ ମାଟିଦୀପର ପସରା ମେଲିଛି। ୨ ଟଙ୍କାରୁ ୧୦ ଟଙ୍କା ପର୍ଯ୍ୟନ୍ତ ମାଟିଦୀପ ବିକ୍ରି ହେଉଥିବା ବେଳେ ବିଭିନ୍ନ ଟେରାକୋଟା ମାଟିଦୀପର ବେଶ୍ ଚାହିଦା ରହିଛି। ସେହିପରି ଦୀପାବଳିରେ ବହୁ ପରିବାର ରଙ୍ଗିନ ଆଲୋକରେ ସାଜସଜ୍ଜା କରିଥା'ନ୍ତି। ଗ୍ରାହକଙ୍କ ଚାହିଦା ଅନୁସାରେ ବଜାରରେ ବିଭିନ୍ନ ପ୍ରକାର ଚାଇନାମାଲ ବିକ୍ରି ହେଉଛି। ୫୦ରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ଭେରାଇଟିର ଲାଇଟ୍ ବିକ୍ରି ହେଉଛି ବୋଲି ବ୍ୟବସାୟୀ ଅଜିତ୍ ସାହୁ କହିଛନ୍ତି। ସେହିପରି ଧନ୍‌ତେରସ୍‌ରେ ଝାଡୁ କିଣିବା ପରମ୍ପରା ରହିଛି। କୁହାଯାଏ, ଧନ୍‌ତେରସ୍‌ରେ ଝାଡୁ କିଣିଲେ ଶ୍ରୀବୃଦ୍ଧି ଘଟିଥାଏ। ବଜାରରେ ଫୁଲଝାଡୁ, ପହଁରା, ଖଡ଼ିକା ଝାଡୁ ଦିନତମାମ ବିକ୍ରି ଚାଲିଛି। ଟ୍ରାଫିକ୍ ଛକ, ଏସ୍‌ବିଆଇ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ମାର୍‌ୱାଡି ପଟି ସମେତ ସମସ୍ତ ଛକରେ ଝାଡୁର ପସରା ମେଲିଛି। ଫୁଲଝାଡୁ ୮୦ରୁ ୯୦ ଟଙ୍କା, ଖଡ଼ିକା ୩୦ରୁ ୪୦ ଟଙ୍କା ଏବଂ ପହଁରା ୨୦ରୁ ୩୦ ଟଙ୍କାରେ ବିକ୍ରି କରାଯାଉଥିବା ବେପାରୀ ସୁଜିତ୍ ଦାସ କହିଛନ୍ତି। ଏନେଇ ଦଳେଇପୁଟ ଗ୍ରାମର ମୀନକେତନ ସୁବୁଦ୍ଧି କହିଛନ୍ତି, ଧନ୍‌ତେରସ୍‌ରେ ସୁନାଅଳଙ୍କାର ଏବଂ ଝାଡୁ କିଣା ପରମ୍ପରା ରହିଛି। ପ୍ରତିବର୍ଷ ରୁପା, ସୁନା କଏନ୍ ଏବଂ ଝାଡୁ କିଣି ଘରକୁ ନେଇଥାଏ। ସେହିପରି ଶ୍ରୀରାମ ନଗରର ତପନ ସାମନ୍ତରାୟ କୁହନ୍ତି, ପ୍ରତିବର୍ଷ ଧନ୍‌ତେରସ୍‌ରେ ରୁପା ଅଳଙ୍କାର ସହିତ ଫୁଲଝାଡୁଟିଏ କିଣିନେଇଥାଏ। ଚଳିତବର୍ଷ ଦାମ୍ ଅଧିକ ରହିଛି। ତେବେ ପରମ୍ପରା ରକ୍ଷାଲାଗି ପ୍ରତିବର୍ଷ କିଣିଥାଏ ବୋଲି ସେ କହିଛନ୍ତି। ସେହିପରି ଗୁରୁଜଙ୍ଗର ପ୍ରଭାତ ବଳିୟାରସିଂ କହିଛନ୍ତି, ପରମ୍ପରା ଅନୁସାରେ ଝାଡୁଟିଏ କିଣି ଘରକୁ ନେଇଛି। ଅନ୍ୟପଟେ ବଜାରରେ ବିଭିନ୍ନ ଫଳ ଦର ମଧ୍ୟ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ବିଡିଏ କଲୋନିର ମମତାଞ୍ଜଳି ପଟ୍ଟନାୟକ କହିଛନ୍ତି, ଦୀପାବଳିରେ ବିଭିନ୍ନ ପ୍ରକାର ଫଳ ପୂଜାରେ ଲାଗିଥାଏ। ଚଳିତବର୍ଷ ସବୁ ଫଳ ଦର ଅଧିକ ରହିଛି। ଆବଶ୍ୟକ ଅନୁସାରେ ଫଳ କିଣିଛି। ଭାଲିଆବାଡ଼ିର ସତ୍ୟ ପାଇକରାୟ କୁହନ୍ତି, ଦୀପାବଳିରେ ଶ୍ରାଦ୍ଧ ଏବଂ ପିତୃପୁରୁଷଙ୍କ ପାଇଁ କାଉଁରିଆ କାଠି ଓ ଆଖୁ ଆବଶ୍ୟକ ରହିଛି। କାଉଁରିଆ କାଠି ୨୦ରୁ ୩୦ ଟଙ୍କା, ଆଖୁ ଦଣ୍ଡା ୪୦ରୁ ୫୦ ଟଙ୍କା ରହିଛି। ସେହିପରି ଫଳ ଦର ୧୫୦ ଟଙ୍କା ଉପରେ ରହିଥିବା କୋଣାର୍କ ନଗରର କ୍ଷୀତିଶ୍ ମୋହନ ଦାସ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୨ ନଭେମ୍ବର, ୨୦୨୩



**ଦୀପାବଳି ପାଳିଲେ ଜାପାନୀ ପର୍ଯ୍ୟଟକ**

ପୁରୀ(ଅଜିତ୍ ମହାନ୍ତି): ପବିତ୍ର ଆଲୋକର ପର୍ବ ତଥା ଦୀପାବଳିର ଅବ୍ୟବହିତ ପୂର୍ବରୁ ପୁରୀରେ ଧୁମ୍ଧାମରେ ଦୀପାବଳି ପାଳିଛନ୍ତି ଜାପାନୀ ପର୍ଯ୍ୟଟକ। ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ପକ୍ଷରୁ ଶନିବାର ସନ୍ଧ୍ୟାରେ ହୋଟେଲ ଶାନ୍ତନା ପରିସରରେ ଦୀପାବଳି ପର୍ବକୁ ମହାସମାରୋହରେ ପାଳନ କରିଛନ୍ତି ପର୍ଯ୍ୟଟକ। ଦୀପାବଳି ଅବସରରେ ଓଡ଼ିଶାରେ ଯେଭଳି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆରେ ବଡ଼ବଡୁଆ ଡକାଯାଇଥାଏ ସେହିଭଳି ଜାପାନରେ ତାହାକୁ ଓବମ୍ ବୋଲି କୁହାଯାଇଥାଏ। ସେଣ୍ଟର ପକ୍ଷରୁ ସେମାନଙ୍କୁ ଦୀପାବଳି ସମ୍ପର୍କରେ ଜାପାନୀ ଭାଷାରେ ବୁଝାଯିବା ପରେ ସେମାନେ ଅତି ଖୁସିହୋଇ ଦୀପାବଳି ପାଳନ କରିଥିଲେ। ଅନ୍ୟପକ୍ଷରେ ପୃଥିବୀପୃଷ୍ଠକୁ ସୁରକ୍ଷିତ ରଖିବା ଲାଗି ଦୀପାବଳିରେ ପ୍ରଦୂଷଣମୁକ୍ତ ବାଣ ବ୍ୟବହାର କରିବାକୁ ପର୍ଯ୍ୟଟକମାନେ ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିବା ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୨୨ରୁ ୪୪ତମ ମା' କୁଞ୍ଜେଶ୍ୱରୀ ବିଶ୍ୱଶାନ୍ତି ମହାଯଜ୍ଞ

କଣାସ,୧୧।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଅଞ୍ଚଳର ଆରାଧ୍ୟ ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ୪୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଆସନ୍ତା ୨୨ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଏଥିନେଇ ଶୁକ୍ରବାର ଭୂମିପୂଜନ ଓ ହଳପ୍ରବାହ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କାଳୀପ୍ରସାଦ ପରମଗୁରୁ ମନ୍ତ୍ର ଉଚ୍ଚାରଣ କରି ଭୂମିପୂଜନ ଓ ହଳ ପ୍ରବାହ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିଥିଲେ। ବିଶ୍ୱଶାନ୍ତି ମହାଯଜ୍ଞ ସଭାପତି ଧନେଶ୍ୱର ରାଉତ, ହାଡ଼ିବନ୍ଧୁ ପାଢୀ, ଶ୍ରୀକାନ୍ତ ପଟ୍ଟଯୋଶୀ, ବେଣୁଧର ପାଇକରାୟ, ଭାଗୀରଥି ଖୁଣ୍ଟିଆ, ଭାଗୀରଥି ଭୋଳ, ଶରତ ଭୋଳ, ଶ୍ୟାମବନ୍ଧୁ ଭୋଳ, ନବ ଭୋଳ, ଶ୍ରୀନିବାସ ପ୍ରଧାନ, କାଳୁ ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବେଆଇନ ବାଣ ବିକ୍ରି ଅଭିଯୋଗରେ ଜଣେ ଗିରଫ

ପୁରୀ,୧୧।୧୧ (ଅଜିତ୍ ମହାନ୍ତି):

ଘରେ ବେଆଇନ ଭାବେ ବାଣ ବିକ୍ରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଅଟିଆ ସାହି ଶଙ୍କରାଚାର୍ଯ୍ୟ ଲେନ୍‌ର ତାରକ୍ ଚନ୍ଦ୍ର ମଣ୍ଡଳ (୬୨)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ବାଣ ଜବତ କରିଛି।

### ବୃତ୍ତି ପରୀକ୍ଷାରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କଲେ ସିଦ୍ଧାର୍ଥ

କଣାସ,୧୧।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ତ୍ରିଲୋଚନପୁର ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମରେ ପ୍ରତିଷ୍ଠିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩ୟ ଶ୍ରେଣୀ ଛାତ୍ର ସିଦ୍ଧାର୍ଥ ସତ୍ୟ ସ୍ୱରୂପ ଜେନା



ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପୁରୀ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ କଣାସ ବ୍ଲକରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସତ୍ୟ ସ୍ୱରୂପ ଡାକ୍ତର ବିଶ୍ୱରଞ୍ଜନ ଜେନାଙ୍କ ପୁଅ। ସିଦ୍ଧାର୍ଥ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କ ବାପା ଡା. ବିଶ୍ୱରଞ୍ଜନ ଗୁରୁମା ଓ ଗୁରୁଜୀଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଛନ୍ତି।

### ସତ୍ୟବାଦୀ ବିକାଶ ପରିଷଦର ସ୍ୱାସ୍ଥ୍ୟ ଶିବିର

ସାକ୍ଷୀଗୋପାଳ,୧୧।୧୧(ଭରତ ରାଉତ)

ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ଆସନ୍ତା ଅଁଳା ନବମୀରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହେବ। ଏନେଇ ସତ୍ୟବାଦୀ ପଞ୍ଚସଖା ସ୍ମୃତି ପାଠାଗାରରେ ଶନିବାର ପ୍ରସ୍ତୁତି ବୈଠକ ଗୁଣ୍ଡିଚା ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଅଁଳା ନବମୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଏବଂ ଭକ୍ତଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଇଦେବା, ଦେୟମୁକ୍ତ ଆଇନ ସହାୟତା କାର୍ଯ୍ୟକ୍ରମ ଉପରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ପରିଷଦର ସମ୍ପାଦକ ଅମର ନନ୍ଦ ସଭା ପରିଚାଳନା କରିଥିଲେ। ହୃଷୀକେଶ ମିଶ୍ର, ବରିଷ୍ଠ ନାଗରିକ ଦେବତିକ୍ତ ମିଶ୍ର, ଜୟନ୍ତ ତ୍ରିପାଠୀ, ମାଧବ ଚନ୍ଦ୍ର ମହାପାତ୍ର, ଧଡ଼ିଆ ପ୍ରଧାନ, ରବି ନାରାୟଣ ଦତ୍ତ, ପ୍ରଫୁଲ୍ଲ ପଣ୍ଡା, ଲକ୍ଷ୍ମୀପ୍ରିୟା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଦୀପାବଳି ପାଇଁ ଶ୍ରୀକ୍ଷେତ୍ର ଉତ୍ସବମୁଖର

- ଭକ୍ତଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ
- ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ 'ନୋ ଭେଇକିଲ୍ ଜୋନ୍' ଘୋଷଣା
- କାଳୀପୂଜା ପାଇଁ ଚଳଚଞ୍ଚଳ ଦେବୀପୀଠ

ପୁରୀ, ୧୧।୧୧(ଅଜିତ୍ ମହାନ୍ତି):



ପୁରୀ ତାଳବଣିଆ ପଡିଆରେ ଖୋଲାଯାଇଥିବା ଅସ୍ଥାୟୀ ବାଣ ଦୋକାନଗୁଡିକରେ ଲାଗିଛି ଗହଳ ଚହଳ।

ଆଲୋକର ପର୍ବ ଦୀପାବଳିକୁ ସ୍ୱାଗତ କରିବା ପାଇଁ ଶ୍ରୀକ୍ଷେତ୍ର ଏବେ ଉତ୍ସବମୁଖର ହୋଇଉଠିଥିବାବେଳେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୀପାବଳି ପାଇଁ ମାଟିଦୀପ ସହ ମହମବତିର ଚାହିଦା ବେଶ୍ ପରିଲକ୍ଷିତ ହେଉଛି। ସେହିପରି ଦୀପାବଳିରେ ପ୍ରୟାଶ୍ରାଦ୍ଧ ଦେବାର ପରମ୍ପରା ରହିଛି। ତେଣୁ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ କାଉଁରିଆ କାଠି ବିକ୍ରି ହେଉଥିବା ବେଳେ ଲୋକମାନେ ତାକୁ କିଣି ବଡ଼ବଡୁଆ ଡାକିବା ପାଇଁ ଘରକୁ ନେଉଥିବା ଦେଖିବାକୁ ମିଳିଛି। କୁମ୍ଭକାରମାନଙ୍କଠାରୁ ଆରମ୍ଭକରି ବାଣ ବ୍ୟବସାୟୀମାନେ ଦୀପାବଳିରେ ଭଲ ବେପାର ଆଶାରେ ରହିଛନ୍ତି। ପୁରୀ କୁମ୍ଭାରପଡ଼ା, ଟିକରପଡ଼ା ଆଦି ସ୍ଥାନରେ ବସବାସ କରୁଥିବା କୁମ୍ଭକାରମାନେ ବିଭିନ୍ନ ପ୍ରକାର ଦୀପ ନିର୍ମାଣ କରିଛନ୍ତି। ପଇସିକା ଦୀପଠାରୁ ଆରମ୍ଭ କରି ଅମାବାସ୍ୟା ଦୀପ, ପଞ୍ଚଦୀପ, ସାତଦୀପ ଆଦି ବିଭିନ୍ନ ପ୍ରକାରର ଦୀପର ପସରା ମେଲିଛି। ଦୀପଗୁଡ଼ିକର ମୂଲ୍ୟ ୧ଟଙ୍କାରୁ ଆରମ୍ଭହୋଇ ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଗ୍ରାହକମାନଙ୍କ ଚାହିଦାକୁ ଦେଖି ଦୀପ ପ୍ରସ୍ତୁତ କରାଯାଇଥିବା କୁମ୍ଭକାରମାନେ ମତ ଦେଇଛନ୍ତି। ସେହିପରି ପୁରୀ ତାଳବଣିଆ ପଡ଼ିଆରେ ପ୍ରଶାସନ ପକ୍ଷରୁ ବାଣ ବ୍ୟବସାୟୀଙ୍କୁ ଷ୍ଟଲ୍ କରିବା ପାଇଁ ଅନୁମତି ମିଳିଛି। ଲାଇସେନ୍ସପ୍ରାପ୍ତ ବ୍ୟବସାୟୀମାନେ ଦୋକାନ କରିଛନ୍ତି। ବଜାରରେ ଅନେକ ପ୍ରକାରର ବାଣ ଉପଲବ୍ଧ ହେଉଛି। ତେବେ ଚଳିତବର୍ଷ ବାଣର ଦର ପୂର୍ବବର୍ଷ ଅପେକ୍ଷା ଟିକେ ଅଧିକ ରହିଛି। ତେବେ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ଉପରେ ସୁପ୍ରିମକୋର୍ଟ ରୋକ୍ ଲଗାଇଥିବାରୁ ବଜାରରେ ସବୁଜ ବାଣର ଖୁବ୍ ଚାହିଦା ରହିଛି। ସେହିପରି ବାଣ ଦୋକାନର ସୁରକ୍ଷା ଲାଗି ପାଖରେ ପାଣି, ବାଲି ରଖିବା ପାଇଁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଉଚ୍ଚଶବ୍ଦ ସୃଷ୍ଟିକାରୀ ଏବଂ ବାୟୁ ପ୍ରଦୂଷଣ କରୁଥିବା ବାଣ ବିକ୍ରି ଉପରେ କଟକଣା ଜାରି କରାଯାଇଛି। ସେହିପରି ବିଳମ୍ବିତ ରାତିଯାଏ ବାଣଫୁଟା ଉପରେ ମଧ୍ୟ କଟକଣା ଜାରି କରିଛି ପୋଲିସ। ଦୀପାବଳି ଅବସରରେ ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାକୁଥିବା ବେଳେ ସୁରକ୍ଷା ଦୃଷ୍ଟିକୋଣରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଥିବା ଏକ ନିର୍ଦ୍ଦିଷ୍ଟ ସ୍ଥାନ ଯଥା ମଙ୍ଗୁ ମଠ ନିକଟରେ କାଉଁରିଆ କାଠି ଜାଳିବା ପାଇଁ ବ୍ୟବସ୍ଥା ହୋଇଛି। ଭକ୍ତଙ୍କ ଯାତାୟାତକୁ ସୁଗମ କରିବା ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ 'ନୋ ଭେଇକିଲ୍ ଜୋନ୍' ମଧ୍ୟ ଘୋଷଣା କରାଯାଇଛି। ସେପଟେ ବିଭିନ୍ନ ପୂଜାମଣ୍ଡପ ଏବଂ ଦେବୀପୀଠଗୁଡ଼ିକ କାଳୀପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି। ଦେବୀପୀଠଗୁଡ଼ିକରେ ମା'ଙ୍କର ପୂଜା ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳାରେ କାଳୀପୂଜା ଆୟୋଜନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

# ୫-ଟି ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଲେ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟରର ସଭାପତି

ପୁରୀ,୧୧।୧୧(ଅଜିତ୍ ମହାନ୍ତି):

ଆଇଏଏସ୍ ଚାକିରିରୁ ଅବସର ନେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିକେ ପାଣ୍ଡିଆନଙ୍କୁ ୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଏହି ଅବସରରେ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାସ ନବୀନ ନିବାସରେ ପାଣ୍ଡିଆନଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଜାପାନର କଳା, ସଂସ୍କୃତି, ଶିକ୍ଷା ଓ ଐତିହ୍ୟ ସହ ଓଡ଼ିଶାର କଳା, ସଂସ୍କୃତି ଓ ଶିକ୍ଷା ସମେତ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ବିଦେଶୀ ପର୍ଯ୍ୟଟକମାନେ ଓଡ଼ିଶାକୁ କିଭଳି ଅଧିକ ଆଗମନ କରିବେ ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ଛାତ୍ରୀଛାତ୍ରଙ୍କ ସଡ଼କ ସୁରକ୍ଷା ସଚେତନତା




ସଡ଼କ ସୁରକ୍ଷା ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ଜବାହର ବିଦ୍ୟାପୀଠର ଛାତ୍ରୀଛାତ୍ର।

ପିପିଲି,୧୧।୧୧(ଦୁର୍ଗାମାଧବ ମିଶ୍ର)/କଣାସ(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଶନିବାର ପିପିଲିସ୍ଥିତ ଜବାହର ବିଦ୍ୟାପୀଠରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପୀତବାସ ସେଠୀଙ୍କ ତତ୍ତ୍ୱାବଧାନରେ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ବିଦ୍ୟାଳୟର ଛାତ୍ରୀଛାତ୍ର, ପୋଲିସ କ୍ୟାଡେଟ, ସ୍କାଉଟ୍ସ ଗାଇଡ୍ସଙ୍କ ଏକ ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ବଜାର ପରିକ୍ରମା କରି ପିପିଲି ଥାନା ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରା ସମୟରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ଗାଡ଼ି ଚଳାଇବା ସମୟରେ ହେଲ୍‌ମେଟ୍ ପିନ୍ଧିବା ଏବଂ ଫୋନରେ କଥା ନ ହେବାକୁ ଛାତ୍ରୀଛାତ୍ର ସଚେତନ କରାଇଥିଲେ। ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସଡ଼କ ଦୁର୍ଘଟଣାର କାରଣ, ଟ୍ରାଫିକ୍ ନିୟମ ଓ ସଡ଼କ ଦୁର୍ଘଟଣା ହ୍ରାସ କରାଇବାର କାରଣ ଆଲୋଚନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

ସେହିପରି କଣାସଠାରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ପକ୍ଷରୁ ଛାତ୍ରୀ ଏବଂ ଶିକ୍ଷୟିତ୍ରୀମାନେ ସଡ଼କ ସୁରକ୍ଷା ସପ୍ତାହ ପାଳିଛନ୍ତି। ସେମାନେ ପ୍ଲା କାର୍ଡ ଧରି ସଡ଼କ ସୁରକ୍ଷା ସମ୍ପର୍କରେ ସ୍ଲୋଗାନ ଦେଇ କଣାସ ବଜାର ପରିକ୍ରମା କରିବା ସହ ବାଇକ୍ ଚାଳକଙ୍କୁ ହେଲ୍‌ମେଟ୍ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। ସେହିପରି କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ସ ଗାଇଡ୍ସ ଏନ୍‌ସିସି ଛାତ୍ରୀଛାତ୍ର ସଡ଼କ ସୁରକ୍ଷା ସମ୍ପର୍କିତ ପ୍ଲା କାର୍ଡ ଧରି ଗୋଲା ବଜାର, କଣାସ ବସଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ବଜାର, ବାଲିଘାଇ ଛକ ବ୍ଲକ ବଜାର ପରିକ୍ରମା ଲୋକଙ୍କୁ ସଚେତନ କରିଥିଲେ।

# ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଦଳଗତ ବିଜେତା




ପୁରୀ, ୧୧।୧୧( ଅଜିତ୍ ମହାନ୍ତି):

**ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ ବିଦ୍ୟାଳୟ ଟାଏକୋଣ୍ଡୋ ପ୍ରତିଯୋଗିତା**

ରାଣୀସତୀ ଭବନ ଟାଏକୋଣ୍ଡୋ ଟ୍ରେନିଂ ସେଣ୍ଟର ଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଦ୍ୱାରା ଆନ୍ତଃ ମହାବିଦ୍ୟାଳୟ ପୁରୁଷ ଓ ମହିଳା କିରୋଗୀ ଓ ପୁମସି ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡିଶା ଟାଏକୋଣ୍ଡୋ ସଂଘ ଏହି ପ୍ରତିଯୋଗିତାକୁ ଆୟୋଜନ କରିଛି। ଓଡିଶା ଟାଏକୋଣ୍ଡୋ ସଂଘ ତରଫରୁ ଇଲେକ୍ଟ୍ରୋନିକ ସେନସର ଦ୍ୱାରା ମ୍ୟାଚକୁ ସ୍କୋରିଂ କରାଯାଇଥିଲା। ଏଥିରେ ଅନେକ ମହାବିଦ୍ୟାଳୟର ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଉଭୟ ପୁରୁଷ ଓ ମହିଳା ବିଭାଗ ଦଳଗତ ବିଜେତା ହୋଇଥିବା ବେଳେ ଗୋବିନ୍ଦପୁର ଡିଗ୍ରୀ ମହାବିଦ୍ୟାଳୟ ଉପବିଜେତା ହୋଇଥିଲା। ପୁରୁଷ ବିଭାଗରେ ଦିବ୍ୟଜିତ ପଟନାୟକ, ହିମାଂଶୁ ପ୍ରଧାନ, ଆର୍ଯ୍ୟନ ନାୟକ, ଦୀପକ କୁମାର ପ୍ରଧାନ, ପ୍ରଶାନ୍ତ ପାତ୍ର, ଆର୍ଯ୍ୟନ ଚୌଧୁରୀ, ସୋମନାଥ ଷଣ୍ଢ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ମହିଳା ବିଭାଗରେ ପାୟଲ ବଡ଼ଜେନା, ଲିପିକା ପଳେଇ, ସିପା ଦାସ, ସୀମା କୁମାରୀ ହାଁସଦା ସ୍ୱର୍ଣ୍ଣ ବିଜୟିନୀ ହୋଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପର୍ଯ୍ୟବେକ୍ଷକ ଭାବେ ହରିହର କର ଯୋଗଦେଇଥିଲେ। ପ୍ରତିଯୋଗିତାକୁ ପରିଚାଳନା ପାଇଁ ମୁଖ୍ୟ ଜାତୀୟ ରେଫରି ବିଶ୍ୱନାଥ ନାୟକଙ୍କ ଅଧୀନରେ ଅଭିଜିତ୍ ସାହୁ, ଦେବାଶିଷ ବେହେରା, ପ୍ରଶାନ୍ତ କୁମାର ପାତ୍ର, ସନ ତ୍ରିପାଠୀ, ସଂଯୁକ୍ତା ବରାଳ ପରିଚାଳନା କରିଥିଲେ। ଏଥିରେ ଅତିଥି ଭାବେ ଓଡ଼ିଶା ଟାଏକୋଣ୍ଡୋ ସଙ୍ଘର ସଭାପତି ବ୍ୟୋମକେଶ ଅଭିଳାଷ ପ୍ରସାଦ, ପୁରୀ ଜିଲା କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ପୁରୀ ବକ୍ସିଂ ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ, ରାଣୀସତୀ ଭବନର ପ୍ରତିଷ୍ଠାତା ସନ୍ତୋଷ କୁମାର ଚାନ୍ଦୁକା ପ୍ରମୁଖ ଯୋଗଦେଇଥଲେ। ସହ ସଂଯୋଜକ ଭାବେ ଆଲୋକ ଚୌଧୁରୀ ସହଯୋଗ କରିଥିବାବେଳେ ଓଡ଼ିଶା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ପ୍ରତିଯୋଗିତାର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ବିଜେଡିରେ ସାମିଲ ହେଲେ କଂଗ୍ରେସର ୨୦ କର୍ମୀ

ଗୋପ,୧୧।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ନବୀନ ସରକାର ସବୁବେଳେ ଓ ସବୁ ସମୟରେ ଗାଁର ଉନ୍ନତି ସହିତ କିପରି ବିକାଶମୂଳକ କାର୍ଯ୍ୟ କରାଯିବ ସେଥିପ୍ରତି ଗୁରୁତ୍ୱ ଦେଇ ଆସୁଛନ୍ତି। ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ଅନୁଷ୍ଠିତ ବିଜେଡିର ସାଂଗଠନିକ ବୈଠକରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଥିଲେ। ପଞ୍ଚାୟତ ସଭାପତି ରସାନନ୍ଦ ଜେନା ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ସାଧାରଣ ସମ୍ପାଦକ ରବୀନ୍ଦ୍ର ନାୟକ, ପଞ୍ଚାୟତ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ସମିତି ସଭ୍ୟ କରୁଣାକର ସାହୁ, ବ୍ଲକ ପର୍ଯ୍ୟବେକ୍ଷକ ମନଦୀପ ପାଇକରାୟ, ପୂର୍ବତନ ସଭାପତି ଅଜୟ ଜେନା, ମହିଳା ସଭାନେତ୍ରୀ ନିର୍ମଳା ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ କିପରି ଲୋକଙ୍କ ପାଖରେ ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଏଥିରେ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ୩ ଗୋଟି କଂଗ୍ରେସ ପରିବାରର ପ୍ରାୟ ୨୦ଜଣ ସଦସ୍ୟ ବିଜେଡିରେ ସାମିଲ ହୋଇଥିଲେ।

# ଦୋକାନଘର ଆବଣ୍ଟନରେ ଦୁର୍ନୀତି ଅଭିଯୋଗ

ପୁରୀ, ୧୧।୧୧ (ଅଜିତ୍ ମହନ୍ତି):

**ତଦନ୍ତ ଦାବିରେ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର**

ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ମୋଚିସାହି, ମାର୍କେଟଛକ ଏବଂ ଜେଲରୋଡ ମାର୍କେଟ କମ୍ପ୍ଲେକ୍ସ ଦୋକାନ ଘର ଆବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି ସାମାଜିକ କର୍ମୀ ଦିଲୀପ ବରାଳ। ସେ ଏହାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି କି ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ୩ଟି ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୋକାନଘରଗୁଡିକ ଆବଣ୍ଟନରେ ଦୁର୍ନୀତି ହୋଇଛି। ବଡବଡିଆ ଓ ମୁଷ୍ଟିମେୟ ଲୋକଙ୍କ ନାମ ତାଲିକାରେ ସ୍ଥାନ ପାଇଥିବାବେଳେ ଗରିବ ଶ୍ରେଣୀର ଲୋକେ ଏଥିରୁ ବାଦ୍ ପଡୁଛନ୍ତି। ତେଣୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବରାଳ ଦାବି କରିଛନ୍ତି।

# ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ପାଖରେ ହାର୍ ମାନିଛି ଗରିବୀ

ଅସ୍ତରଙ୍ଗ,୧୧।୧୧(ମମତା ଜେନା):



ଗରିବ କୃଷି ପରିବାରର ଜଣେ ଯୁବକ ନିଜର ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଆଜି ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଅସ୍ତରଙ୍ଗ ବ୍ଲକ ହରଣୀଗୁଳା ଗ୍ରାମର ମହାଦେବ ସେଠୀଙ୍କ ପୁଅ ସୌମ୍ୟରଞ୍ଜନ। ତାଙ୍କ ବାପା ଜଣେ କୃଷକ ହୋଇଥିବାରୁ ଅତି କଷ୍ଟରେ ସେ ଡିପ୍ଲୋମା ପାସ୍ କରିଥିଲେ। କିନ୍ତୁ ଅଧିକ ପଢ଼ିବାକୁ ଇଚ୍ଛା ଥିଲେ ବି ଗରିବୀ ତାଙ୍କ ସାମ୍ନାରେ ଏକ ଦୃଢ଼ ପ୍ରତିବନ୍ଧକ ସାଜିଥିଲା। ପରେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ ବି କରୋନା କାଳରେ ତାହା ଚାଲିଯାଇଥିଲା। ତଥାପି ହାର୍ ମାନି ନ ଥିଲେ ସୌମ୍ୟ। ନିଜ ସଞ୍ଚିତ ଅର୍ଥକୁ ବିନିଯୋଗକରି ଗାଁରେ ଆରମ୍ଭକଲେ ଇଲେକ୍ଟ୍ରି ବଲ୍‌ବ ମରାମତି କାରଖାନା। ଆଉ ଧୀରେ ଧୀରେ ଏବେ ନିଜ ବ୍ରାଣ୍ଡରେ ନିର୍ମାଣ କରୁଛନ୍ତି ବିଭିନ୍ନ ଇଲେକ୍ଟ୍ରି ବଲ୍‌ବ, ହାଲୋଜେନ, ଟ୍ୟୁବ୍ ଲାଇଟ୍। ସେହିପରି ଏବେ ନିଜ କମ୍ପାନୀରେ ସ୍ୱଳ୍ପ ମୂଲ୍ୟରେ ନିର୍ମାଣ କରିଛନ୍ତି ଅତ୍ୟାଧୁନିକ ଲିଚୁ ମାଳ। ତାଙ୍କର ଏହି ପ୍ରୟାସକୁ ଅଞ୍ଚଳବାସୀ ଭୂରି ଭୂରି ପ୍ରଶଂସା କରିଛନ୍ତି। ସେହିପରି ତାଙ୍କ କମ୍ପାନୀରେ ପ୍ରସ୍ତୁତ ଇଲେକ୍ଟ୍ରିକ୍ ସାମଗ୍ରୀ କିଣିବା ପାଇଁ ଗ୍ରାହକଙ୍କ ଭିଡ଼ ବେଶ୍ ଜମୁଥିବା ପରିଲକ୍ଷିତ ହେଉଛି।

# ଶ୍ରୀକ୍ଷେତ୍ର ଇ-ଅଟୋ ରିକ୍ସା ମଜଦୁର ସଂଘର ବୈଠକ

ପୁରୀ, ୧୧।୧୧(ଅଜିତ୍ ମହାନ୍ତି):

ଶ୍ରୀକ୍ଷେତ୍ର ଇ-ଅଟୋ ରିକ୍ସା ମଜଦୁର ସଂଘର ଏକ ବୈଠକ ଶନିବାର ଗୁଣ୍ଡିଚା ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଛି। ସରକାର କରିଥିବା ଫେୟାର୍ ମିଟର ଲଗେଇବାର ନିୟମ ଉପରେ ଆଲୋଚନା ହେଇଥିଲା। ସବୁ ଅଟୋରେ ଫେୟାର୍ ମିଟର ଲାଗିବାର ନିୟମ ହୋଇଛି। ତେବେ ବିନା ଫେୟାର ମିଟରରେ ଚଳାଚଳ କରୁଥିବା ସବୁ ଅଟୋକୁ ଜରିମାନା ଓ ତନଖି କ'ଣ ପାଇଁ କରାଯାଉନି ବୋଲି ବୈଠକରେ ଉପସ୍ଥିତ ସଦସ୍ୟମାନେ ପ୍ରଶ୍ନ କରିଛନ୍ତି। ମିଟର ଅନୁସାରେ ଭଡ଼ା ଧାର୍ଯ୍ୟ ହୋଇ ନ ଥିବା ବେଳେ ମିଟର କ'ଣ ପାଇଁ ଲଗାଇବାକୁ ପୁରୀ ଆର୍‌ଟିଓ ବାଧ୍ୟତାମୂଳକ କରୁଛନ୍ତି ବୋଲି ଶ୍ରୀକ୍ଷେତ୍ର ଇ-ଅଟୋ ରିକ୍ସା ମଜଦୁର ସଂଘର ଆବାହକ ଆଇନଜୀବୀ ପ୍ରସନ୍ନ ଦାଶ ଓ ସମାଜସେବୀ ଭବାନୀ ମିଶ୍ର ବୈଠକରେ ମତବ୍ୟକ୍ତ କରି କହିଛନ୍ତି।

# ବେପରୁଆ ଗାଡ଼ି ଚାଳନା, ଡ୍ରାଇଭର ଅଟକ

କୋଣାର୍କ ୧୧।୧୧(ଜ୍ୟୋତିରାଜ ମହାନ୍ତି)




ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ ସୂର୍ଯ୍ୟମନ୍ଦିର ପରିସରରେ ଉନ୍ନୟନ କାର୍ଯ୍ୟ ଚାଲିଛି। ଏଥି ନିମନ୍ତେ ଭୁବନେଶ୍ୱରଠାରୁ ଲୁହା ଚାନେଲ ନେଇ କୋଣାର୍କ ଅଭିମୁଖେ ଆସୁଥିବା ଏକ ଟ୍ରକ୍(ଓଆର୍ ୦୯ କେ ୧୨୬୬) ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ କୋଣାର୍କର ଥାନା ଛକ, ମେଡିକାଲ ଛକଠାରେ ଯାତାୟାତ କରୁଥିବା ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ଖେଳାଇ ଦେଇଛି। ଏହି ଡ୍ରାଇଭର ଜଣଙ୍କ ଅତ୍ୟଧିକ ମଦ୍ୟପାନ କରି ଭୁବନେଶ୍ୱରରୁ କୋଣାର୍କ ଅଭିମୁଖେ ଆସୁଥିବାବେଳେ କୋଣାର୍କ ଯାତ୍ରୀନିବାସଠାରେ ୨ ଜଣ କାର୍ଯ୍ୟରତ ଖବରଦାତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେମାନେ ଅଳ୍ପକେ ବର୍ତ୍ତି ଯାଇ ନିକଟରେ ଥିବା ବାଲି ଗଦା ଉପରେ ପଡ଼ି ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଲୋକଙ୍କଠାରୁ ଖବରପାଇ କୋଣାର୍କ ପୋଲିସ ଏହି ଟ୍ରକ୍‌କୁ ପିଛା କରି କୋଣାର୍କ ରିଂ ରୋଡଠାରେ ତାକୁ ଅଟକାଇ ଗାଡ଼ି ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ଏହି ଟ୍ରକର ଫିଟ୍‌ନେସ୍ ଓ ପ୍ରଦୂଷଣ ସମ୍ବନ୍ଧୀୟ କାଗଜପତ୍ର ନ ଥିବା କୋଣାର୍କ ପୋଲିସ ଯାଞ୍ଚ ସମୟରେ ଜଣାପଡିଛି। ଏହି ଲୁହା ଚାନେଲ ବୋଝେଇ ଟ୍ରକ୍ ଏଏସ୍ଆଇ ଠିକାଦାର ଶଶାଙ୍କ ଶେଖର ନାୟକଙ୍କ ନାମରେ ରହିଥିବା ପୋଲିସ ଜାଣିବାକୁ ପାଇଛି। କୋଣାର୍କ ପୋଲିସ ପକ୍ଷରୁ ମଦ୍ୟପାନ କରିଥିବା ଟ୍ରକ୍ ଚାଳକ ବାଲିପାଟଣା ଥାନା କାଳନ୍ଦୀ ପ୍ରଧାନଙ୍କ ଆଲକହଲ ଟେଷ୍ଟ କରାଯିବା ପରେ ସେ ଅତ୍ୟଧିକ ମଦ ପିଇ ଏଭଳି ବେପରୁଆ ଗାଡ଼ି ଚାଳନା କରିଥିବା ପୋଲିସ କହିଛି। ଏ ସମ୍ପର୍କରେ କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡ଼ାଙ୍କୁ ପଚାରିବାରେ, ଟ୍ରକ୍ ଜବତ ସହ ଡ୍ରାଇଭର କାଳନ୍ଦୀଙ୍କୁ ଥାନା ଅଟକ ରଖାଯାଇ ମଦ୍ୟପାନ କରିଥିବା ଯୋଗୁ ଆଲକହଲ ଟେଷ୍ଟ କରାଯାଇଛି। ଏନେଇ କୋଣାର୍କ ଥାନାରେ ମାମଲା ରୁଜୁ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୋଣାର୍କ ଥାନା ଅଧିକାରୀ ପରିଡ଼ା ପ୍ରକାଶ କରିଛନ୍ତି।

# ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷିତ ଅଣ୍ଡାଦାନ ପାଇଁ ପ୍ରସ୍ତୁତି

**ବନ ବିଭାଗ ପକ୍ଷରୁ ବେଳାଭୂମି ସ୍ୱଚ୍ଛତା କାର୍ଯ୍ୟକ୍ରମ**

ଅସ୍ତରଙ୍ଗ, ୧୧।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ):



ଅସ୍ତରଙ୍ଗ ପୀର ଜାହାନିଆଁ ବେଳାଭୂମିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ।

ଓଡ଼ିଶା ଉପକୂଳରେ ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷିତ ଅଣ୍ଡାଦାନ ପାଇଁ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ବେଳାଭୂମିରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଅଣ୍ଡାଦାନକୁ ସୁଗମ କରିବା ଉଦ୍ଦେଶ୍ୟରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳର ପୀର ଜାହାନିଆଁ ବେଳାଭୂମି ଓ ମୁହାଣମୁହଁ ସେକ୍ସନ ଅଧୀନସ୍ଥ ଗଙ୍ଗାଦେବୀ ବେଳାଭୂମିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୀର ଜାହାନିଆଁ ବେଳାଭୂମିଠାରେ ଅସ୍ତରଙ୍ଗ ବନପାଳ ବଳରାମ ସାହୁଙ୍କ ନେତୃତ୍ୱରେ ଜାତୀୟ ଜୈବବିବିଧତା ସଂରକ୍ଷଣ ପୁରସ୍କାରପ୍ରାପ୍ତ ଗୁଣ୍ଡଲବା ବନ ସୁରକ୍ଷା ସମିତିର ୫୦ରୁ ଊର୍ଦ୍ଧ୍ୱ ମହିଳା, ସ୍ଥାନୀୟ ବ୍ୟବସାୟୀ ସଂଘ, ପରିବେଶ କର୍ମୀ ଓ ସ୍ୱେଚ୍ଛାସେବୀମାନଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ମୁହାଣମୁହଁ ବନପାଳ ବିରଜା ମହାପାତ୍ରଙ୍କ ନେତୃତ୍ୱରେ ଗଙ୍ଗାଦେବୀ ବେଳାଭୂମିଠାରେ ସହନ ଗାଁର ମା' ରାମଚଣ୍ଡୀ ସୋସାଇଟିର ୪୦ରୁ ଊର୍ଦ୍ଧ୍ୱ ମହିଳା, ରାଜ୍ୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରପ୍ରାପ୍ତ ବିଚିତ୍ରାନନ୍ଦ ବିଶ୍ୱାଳ, ପରିବେଶ କର୍ମୀ ଶୋଭାକର ବେହେରା, ଜାତିସଂଘ ଭାରତର ଯୁବ ଅଧିବକ୍ତା ସୌମ୍ୟରଞ୍ଜନ ବିଶ୍ୱାଳ, ବଂଶୀଧର ବେହେରାଙ୍କ ସମେତ ସ୍ଥାନୀୟ କଇଁଛ ସୁରକ୍ଷା ସମିତି, ପରିବେଶ କର୍ମୀ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ବେଳାଭୂମି ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନରକ୍ଷୀ ଭାବଗ୍ରାହୀ ସେଠୀ, ମିଳନ କୁମାର ମୁଦୁଲିଙ୍କ ସମେତ ବନ ବିଭାଗର ଅନ୍ୟାନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ। ଗତବର୍ଷ ରିପୋର୍ଟ ଅନୁଯାୟୀ, ସମୁଦାୟ ୧୧୩୬ କଇଁଛଙ୍କ ବସା ଠାବ କରାଯାଇ କୃତ୍ରିମ ପଦ୍ଧତିରେ ସଂରକ୍ଷିତ କରାଯାଇଥିବା ବେଳେ ସମୁଦାୟ ୧ ଲକ୍ଷ ୯ ହଜାର ୭୭୧ ଅଣ୍ଡାରୁ ଜନ୍ମିତ ୭୧ ହଜାର ୪୯୬ କଇଁଛ ଶାବକଙ୍କୁ ସମୁଦ୍ରରେ ଛଡ଼ାଯାଇଥିଲା। ଏଥିମଧ୍ୟରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳର ୪ଟି କୃତ୍ରିମ ହାଚେରି ଓ ଦେବୀ ଦ୍ୱୀପର ପ୍ରାକୃତିକ ପରିସଂସ୍ଥାନରେ ମୋଟ ୭୮୩ କଇଁଛ ଅଣ୍ଡାଦାନ କରିଥିଲେ।

## ଡିସେମ୍ବର୨୦ରୁ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ଟିଗିରିଆ,(ଜାଫର ଖାଁ): ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ମିନି ଷ୍ଟାଡିୟମରେ ଦିବ୍ୟଜ୍ୟୋତି ଆସୋସିଏଶନ ତରଫରୁ ୮ମ ରାଜ୍ୟସ୍ତରୀୟ ପାଞ୍ଚଗାଁ ଫୁଟବଲ ଟୁର୍ନାମେଣ୍ଟ ଡିସେମ୍ବର ୨୦ରୁ ଆରମ୍ଭ ହେବ। ପାଞ୍ଚଗାଁ ଆଞ୍ଚଳିକ ଆଥଲେଟିକ୍ ଆସୋସିଏଶନ ଓ ପାଞ୍ଚଗାଁ ଗ୍ରାମବାସୀଙ୍କ ସହଯୋଗରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏଥିରେ ରାଜ୍ୟର ୧୬ଟି ଦଳ ଭାଗ ନେବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

## 'ମଣିଷ ଭିତରେ ମାନବିକତାର ଅଭାବ ରହୁଛି'

### ଜାତୀୟ ଶିକ୍ଷା ଦିବସ

କଣ୍ଟାପଡା,୧୧।୧୧(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଅଡଶପୁରସ୍ଥିତ ଉଦୟନାଥ ବିଜ୍ଞାନ ଓ ବୈଷୟିକ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ଶନିବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଚୌଦ୍ୱାର କଲେଜର ଅଧ୍ୟାପିକା ଡ. ପ୍ରଭାବତୀ ପଡ଼ିହାରୀ କହିଛନ୍ତି, ବର୍ତ୍ତମାନ ସମୟରେ ଆମେ ଆମ ସଂସ୍କୃତି ଓ ଦର୍ଶନକୁ ଭୁଲିବାକୁ ଲାଗିଛେ। ଆମ ପାଖରେ ସାମାଜିକ ଖ୍ୟାତି, ଅର୍ଥ ଓ କ୍ଷମତା ଅଛି। ହେଲେ ମଣିଷ ଭିତରେ ମାନବିକତାର ଅଭାବ ବଢିଚାଲିଛି। ଏପରିସ୍ଥଳେ ଏହି ପ୍ରବୃତ୍ତିର ପରିବର୍ତ୍ତନ କରିବାକୁ ଶିକ୍ଷା ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି। ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ମିଲି ଭୂୟାଁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଫେସର ଅରୁଣ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଡ. ଦେବେନ୍ଦ୍ରନାଥ ସାହୁ, ଅଧ୍ୟାପକ ଡ. କୃପାସିନ୍ଧୁ ପ୍ରଧାନ, ଡ. ଲୁଲୁମିନା ଦାଶ, କବିତା ମିଶ୍ର, ଡ. ହିମାନୀ ପାଣି, ଇପ୍‌ସିତା ପତ୍ରି, ମମତା କର ଓ ଏ. ବିସ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମାଜରେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରା କରିଥିଲେ। ଏଥିସହ ଶିକ୍ଷା ବିଭାଗ ପକ୍ଷରୁ ଚାରା ରୋପଣ କରାଯାଇଥିଲା।

## ମାହାଙ୍ଗା ଛାତ୍ରୀ ଦମୟନ୍ତୀଙ୍କୁ ସ୍ୱର୍ଣ୍ଣ ପଦକ

### ରାଜ୍ୟସ୍ତରୀୟ ୪୦୦ ମିଟର ଦୌଡ଼ ପ୍ରତିଯୋଗିତା

ମାହାଙ୍ଗା,୧୧।୧୧(ଯଯାତି ସିଂହ)

ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ୪୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ମାହାଙ୍ଗା ବ୍ଲକର ଛାତ୍ରୀ ଦମୟନ୍ତୀ ଜେନା ସ୍ୱର୍ଣ୍ଣପଦକ ଜିତିଛନ୍ତି। ଏନେଇ ତାଙ୍କୁ ମାହାଙ୍ଗାରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ଏହି ବ୍ଲକ ଅନ୍ତର୍ଗତ ଲଳିତଗିରି ଉଚ୍ଚ ବିଦ୍ୟାଳୟର ଛାତ୍ରୀ। ତାଙ୍କ ବାପା ପ୍ରଶାନ୍ତ ଜେନା ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର। ପାଠପଢ଼ା ସହ ଦମୟନ୍ତୀଙ୍କ ଖେଳ ପ୍ରତି ଆଗ୍ରହ ଥିବାରୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଲେଲିନ ବଳଙ୍କଠାରୁ ପ୍ରେରଣା ପାଇ ପ୍ରତିଦିନ ଦୌଡ଼ ଅଭ୍ୟାସ ଜାରି ରଖିଥିଲେ। ବ୍ଲକସ୍ତରରୁ ସଫଳତାର ସହ ଖେଳ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ପାଇବା ତାଙ୍କ ପାଇଁ ଚ୍ୟାଲେଞ୍ଜ ଥିଲା। ତେବେ ନିଜର ଦୃଢ଼ ମନ, ପ୍ରବଳ ଇଚ୍ଛାଶକ୍ତି ଓ ଅଦମ୍ୟ ଚେଷ୍ଟା ଯୋଗୁ ଏହି ସଫଳତା ମିଳିଛି ବୋଲି ଦମୟନ୍ତୀ କହିଛନ୍ତି। ଏହି ସଫଳତା ପରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ବ୍ଲକ ଅଧକ୍ଷା ଦୀପା ମଲ୍ଲିକ, ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ଭାଜପା ନେତା ସାରଦା ପ୍ରଧାନ, କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, ଆମ ମାହାଙ୍ଗା ଅଧକ୍ଷ ଡ. ଅମରେନ୍ଦ୍ର ମହାନ୍ତି, ଆଇନଜୀବୀ ଆଲୋକ ଜେନା, ଲଳିତଗିରି ସରପଞ୍ଚ ବଳରାମ ବେହେରା ଏବଂ ସମିତିସଭ୍ୟ ଧ୍ରୁବଚରଣ ସାମଲ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।


ଦମୟନ୍ତୀ ଜେନା

# ଦୀପାବଳି: ଡିମାଣ୍ଡରେ ଫ୍ୟାନ୍ସି ଦୀପ



କଟକ ସହରକୁ ବିକ୍ରି ପାଇଁ ଆସିଥିବା ମୁରୁଜ ଓ ଫ୍ୟାନ୍ସି ଦୀପ।

କଟକ,୧୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)

### ଘର ସଜାଇବା ପାଇଁ ବିକ୍ରି ହେଉଛି କାନପୁର ମୁରୁଜ

ରବିବାର ଆଲୋକର ପର୍ବ ଦୀପାବଳି। ଏନେଇ ଚଳଚଞ୍ଚଳ ହୋଇଛି କଟକ ସହର। ଦୀପାବଳିରେ ଘର ସଜାଇବା ପାଇଁ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏଥିପାଇଁ ସହରର ଅନେକ ସ୍ଥାନରେ ଭଳିକି ଭଳି ମୁରୁଜ (ରଙ୍ଗୋଲି) ଓ ଦୀପ ବିକ୍ରି ହେଉଛି। ବିଶେଷକରି ଚୌଧୁରୀ ବଜାର, ଦୋଳମୁଣ୍ଡାଇ, ନୟାସଡ଼କ, କଲେଜଛକ ଅଞ୍ଚଳରେ ଥିବା ଦୋକାନରେ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳିଛି। ସହରରେ ମୁରୁଜ ବ୍ୟବସାୟ କରିବା ପାଇଁ କାନପୁରରୁ ବ୍ୟବସାୟୀ ଆସିଛନ୍ତି। ବିଭିନ୍ନ ରଙ୍ଗର ମୁରୁଜ ରହିଛି। ଯାହାର ଦର ୧୦୦ ଗ୍ରାମକୁ ୧୦ଟଙ୍କା ରହିଛି। ମୁରୁଜ ପକାଇବା ପାଇଁ ବିଭିନ୍ନ ଆକୃତିର ଛାଞ୍ଚ ରହିଛି। ଏହାର ଦର ୨୫ରୁ ଆରମ୍ଭ କରି ୫୦ ଟଙ୍କା ରହିଛି। ଅପରପକ୍ଷରେ କୋଲକାତାର ଫ୍ୟାନ୍ସି ଦୀପ ଗ୍ରାହକଙ୍କ ପସନ୍ଦ ପାଲଟିଛି। ଡିଜାଇନ ଦୀପର ଦର ୩୦ରୁ ୧୨୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଦୀପାବଳି ପୂଜା ସାମଗ୍ରୀ ମଧ୍ୟରେ ମାଠିଆ ଦର ୫୦ରୁ ୧୨୦ ଟଙ୍କା ରହିଛି। କାନପୁର ଅଞ୍ଚଳରୁ ବ୍ୟବସାୟୀ ମୁରୁଜ ଆଣିଥିବାବେଳେ ଦୀପ, ମାଠିଆ କୋଲକାତାରୁ ଆସିଛି।

ଏ ନେଇ ମୁରୁଜ ବ୍ୟବସାୟୀ ମୁସ୍ତାଫା ଅଲ୍ଲି କହିଛନ୍ତି, ୩ ବର୍ଷ ହେବ କଟକ ଆସି ଦୀପାବଳି ସମୟରେ ବ୍ୟବସାୟ କରୁଛି। ଶନିବାର ବେପାର ହୋଇଥିଲା। ରବିବାର ମଧ୍ୟ ଭଲ ବେପାର ହେବ ବୋଲି ଆଶା ରହିଛି। ସେହିପରି ବ୍ୟବସାୟୀ ମୌସୀ କହିଛନ୍ତି, କଟକରେ ମୁରୁଜ ବ୍ୟବସାୟ ଦୀପାବଳି ସମୟରେ ଭଲ ହୋଇଥାଏ ବୋଲି ଶୁଣି ଚଳିତବର୍ଷ କଟକ ଆସିଛି। ଭଲ ବ୍ୟବସାୟ ହେବ ବୋଲି ଆଶା ରଖିଛି। ଦୀପ ବ୍ୟବସାୟୀ ଚନ୍ଦନ ଜୀ କହିଛନ୍ତି, ୩୦ ବର୍ଷ ହେବ କଟକରେ ଦୀପ ବ୍ୟବସାୟ କରିଆସୁଛି। ଚଳିତବର୍ଷ କୋଲକାତାର ଫ୍ୟାନ୍ସି ଦୀପ ପ୍ରତି ଗ୍ରାହକଙ୍କ ଅଧିକ ଚାହିଦା ରହିଛି। ସେହି ଅନୁଯାୟୀ ସାମଗ୍ରୀ ଆଣିଛି ବୋଲି ସେ କହିଥିଲେ।

# ଖାଲରେ ପଡ଼ି ଯୁବକ ଗୁରୁତର

ନିଶ୍ଚିନ୍ତକୋଇଲି,୧୧।୧୧ (ଅଶୋକ କୁମାର ମହାପାତ୍ର)

■ଥାନାରେ ଅଭିଯୋଗ
■ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳାକୁ ଦାୟୀକଲେ ଗ୍ରାମବାସୀ


ଖୋଲା ଚାମ୍ବର।

ବିଭାଗୀୟ ଯନ୍ତ୍ରୀଙ୍କ ଖାମଖିଆଲ ନୀତି ଓ ଅବହେଳା ଯୋଗୁ ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ପଞ୍ଚାୟତ ଅନ୍ତର୍ଗତ ସାଙ୍କିଲୋ ଦଳିତ ସାହିରେ ଶୁକ୍ରବାର ରାତିରେ ଜଣେ ଯୁବକ ଖାଲରେ ପଡି ଗୁରୁତର ହୋଇଛନ୍ତି। ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେ ହେଲେ ଗ୍ରାମର କୃତ୍ତିବାସ ସାମଲଙ୍କ ପୁତ୍ର ହରେକୃଷ୍ଣ ସାମଲ(୩୦)। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଦାୟୀ କରି ଶନିବାର ଗ୍ରାମବାସୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

ଏହି ଦଳିତ ସାହିରେ ଦୀର୍ଘ ବର୍ଷ ହେଲା ବର୍ଷାଜଳ ଓ ଉଦ୍‌ବୃତ୍ତ ଜଳ ନିଷ୍କାସନ ନହେବା କାରଣରୁ ସ୍ଥାନୀୟ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଆସୁଥିଲେ। ଏହି ସମସ୍ୟାର ସମାଧାନ କରିବା ପାଇଁ ସରକାରଙ୍କ ପକ୍ଷରୁ ୧୫ ସିଏଫସି ଯୋଜନାରେ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଟଙ୍କାରେ ଜଳ ନିଷ୍କାସନ ନିମନ୍ତେ କେନାଲ ତିଆରି କରିବାକୁ ନିୟମ ଥିଲା। ଏହାପରେ ନିଶ୍ଚିନ୍ତକୋଇଲି ବ୍ଲକ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇ ଥିଲା। ସରକାରଙ୍କ ନିୟମାନୁଯାୟୀ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ପାଇଁ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯିବା କଥା। କିନ୍ତୁ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ସମସ୍ତ ନୀତି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ପ୍ରକଳ୍ପ ଆରମ୍ଭ ହେବା ଦିନର ଏପର୍ଯ୍ୟନ୍ତ କୌଣସି ସୂଚନା ଫଳକ ନଦେଇ ଲୋକଙ୍କୁ ଅନ୍ଧାର ଘେରରେ ରଖିଥିଲେ। ମାତ୍ର ଅଟକଳ ଅନୁଯାୟୀ ଏହି କାର୍ଯ୍ୟ କରାଯାଉନଥିଲା ବେଳେ ଚାମ୍ବର ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି। ଏପରିକି ଏହି ଚାମ୍ବର ଗୁଡିକର ଗଭୀର ୬ ଫୁଟ ହୋଇଥିଲା ବେଳେ ଓସାର ୪ଫୁଟ୍। କିନ୍ତୁ ଏହି ଚାମ୍ବରଗୁଡିକ ଖୋଲାମେଲାରେ ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ଏହା ଉପରେ କୌଣସି ଘୋଡ଼ଣୀ ଦିଆଯାଇ ନ ଥିବାରୁ ଏପରି ଦୁର୍ଘଟଣା ଘଟିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ସରକାରଙ୍କ ବିକାଶର ଚିତ୍ର ଲୋକଙ୍କ ପାଖରେ ପହଞ୍ଚାଅ


ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଦଳୀୟ ନେତୃମଣ୍ଡଳୀ।

ନିଶ୍ଚିନ୍ତକୋଇଲି,୧୧।୧୧(ଅଶୋକ କୁମାର ମହାପାତ୍ର)

### ବିଜେଡି ସକ୍ରିୟ ସଭ୍ୟ ପ୍ରଶିକ୍ଷଣ ଶିବିର

ବିଜେଡିର ବ୍ଲକସ୍ତରୀୟ ସକ୍ରିୟ ସଭ୍ୟ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ଖଣି, ଶିଳ୍ପ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଦଳୀୟ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ପୁନର୍ବାର କ୍ଷମତାସୀନ କରିବା ପାଇଁ ସେ ସକ୍ରିୟ ସଭ୍ୟମାନଙ୍କୁ ସଙ୍କଳ୍ପ କରାଇଛନ୍ତି। ମଲ୍ଲିକ କହିଛନ୍ତି, ତୃଣମୂଳ ସ୍ତରରେ ଥିବା ଲୋକଙ୍କୁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରାଇ ବିକାଶର ଚିତ୍ର ସେମାନଙ୍କ ପାଖରେ ପହଞ୍ଚାଅ। ଅହେମ୍ମଦ ବକ୍ସ ମିନି ଷ୍ଟାଡିୟମରେ ଆୟୋଜିତ ଏହି ଶିବିରରେ ୪ଟି ଜୋନର ୨୭ ପଞ୍ଚାୟତର ୩ ହଜାରରୁ ଊର୍ଦ୍ଧ୍ୱ ସକ୍ରିୟ ସଭ୍ୟାସଭ୍ୟ ପ୍ରଶିକ୍ଷଣ ନେଇଥିଲେ। ୨ଟି ପର୍ଯ୍ୟାୟରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ବିଧାୟକ ପ୍ରତାପ ଜେନାଙ୍କ ବ୍ୟକ୍ତିଗତ ସଚିବ ଉମାଶଙ୍କର ବିଶ୍ୱାଳଙ୍କ ସଂଯୋଜନାରେ ଏହାକୁ ଆୟୋଜନ କରାଯାଇଥିଲା। ବିଜେଡିର ରାଜ୍ୟ ମୁଖପାତ୍ର ତୁହିନାଥ ପଣ୍ଡା ଓ କେନ୍ଦ୍ରାପଡା ଜିଲା ଯୁବ ବିଜେଡି ସଭାପତି ରାକେଶ ଦାସ ଏଥିରେ ପ୍ରଶିକ୍ଷଣ ଦେଇଥିଲେ। ଅପରାହ୍ନରେ ମନ୍ତ୍ରୀ ମଲ୍ଲିକ ଯୋଗଦେଇ ଦଳୀୟ କର୍ମୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।

## ଶୈଳବାଳା ମହିଳା କଲେଜରେ ଜାତୀୟ ଆଲୋଚନାଚକ୍ର

କଟକ,୧୧।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ସ୍ନାତକୋତ୍ତର ଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଘାଳୟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବଚରଣ ସୁବୁଦ୍ଧି, ପ୍ରଫେସର ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ରାଜଧାନୀ କଲେଜର ଜୟନ୍ତୀ ଶତ୍ରୁଶଲ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷାନିତୀ-୨୦୨୦ ଦ୍ୱାରା ଭାରତୀୟ ଶିକ୍ଷା ବ୍ୟବସ୍ଥାର ସଂସ୍କାରମୂଳକ ପରିବର୍ତ୍ତନ ନେଇ ଆଲୋଚନା କରିଥିଲେ। ଅଧକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳ ସ୍ୱାଗତ ଭାଷଣ ଓ ବିଭାଗୀୟ ମୁଖ୍ୟ ପ୍ରଫେସର ନିବେଦିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ସିପ୍ରା ରାୟ ଜାତୀୟ ଶିକ୍ଷାନୀତି ଉପରେ ମତବ୍ୟକ୍ତ କରିଥିବାବେଳେ ଅଧ୍ୟାପିକା ଆସିଫା ଆଫ୍‌ରୋଜ ଧନ୍ୟବାଦ ଦେଇଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପ ତାଲିକାକୁ ନେଇ ପ୍ରହରାଜପୁର ପଞ୍ଚାୟତ ଅଶାନ୍ତ

କଟକ ସଦର,୧୧।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତ ୨ଦିନ ହେବ ଅଶାନ୍ତ ହୋଇପଡିଛି। କାରଣ ଚଳିତବର୍ଷ ଉକ୍ତ ପଞ୍ଚାୟତ ପାଇଁ ପ୍ରସ୍ତୁତ ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପ ତାଲିକାରେ ଏପଟ ସେପଟ କରାଯାଇ ୧୪ ନଂ. ୱାର୍ଡର ଅଚ୍ୟୁତାନନ୍ଦ କମ୍ୟୁନିଟି ସେଣ୍ଟର ପ୍ରତି ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭା ବସି ପ୍ରସ୍ତୁତ କରାଯାଇଥିବା ପ୍ରକଳ୍ପ ତାଲିକାରେ ଉକ୍ତ କମ୍ୟୁନିଟି ସେଣ୍ଟରକୁ ୩ ଲକ୍ଷ ଟଙ୍କା ଦେବା ପାଇଁ ସୁପାରିସ କରାଯାଇଥିଲା। କାରଣ ଏହାର ନିଜସ୍ୱ ଜାଗା ରହିଛି। ମାତ୍ର ଚୂଡାନ୍ତ ତାଲିକାରେ ଏହି ପ୍ରକଳ୍ପକୁ ବାଦ୍ ଦିଆଯାଇଛି। ଅନେକ ପ୍ରକଳ୍ପର ନିଜସ୍ୱ ଜାଗା ନ ଥିଲେ ସୁଦ୍ଧା ତାଲିକାରେ ସ୍ଥାନ ପାଇଛି। ସମସ୍ୟାର ସମାଧାନ କରା ନ ଗଲେ ନ୍ୟାୟାଳୟକୁ ଯିବା ପାଇଁ କୁଣ୍ଠାବୋଧ କରିବେ ନାହିଁ ବୋଲି ଗ୍ରାମବସୀ ବ୍ଲକ ପ୍ରଶାସନକୁ ସତର୍କ କରାଇ ଦେଇଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ୨୪ ଘଣ୍ଟା ପରେ ବି ପୋଲିସ ହାତ ଖାଲି

ଟିଗିରିଆ,୧୧।୧୧(ଜାଫର ଖାଁ)

### ଟଙ୍କା ଭର୍ତ୍ତି ଗାଡ଼ି ଲୁଟ୍ ଘଟଣା

■୫ଟି ସ୍ୱତନ୍ତ୍ର ଟିମ୍ ପକ୍ଷରୁ ତନାଘନା ଚାଲିଛି
■ଗାଡ଼ିରେ ଥିବା ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି

ଟିଗିରିଆ ଥାନା ଅନ୍ତର୍ଗତ ଗୋଡ଼ିଝରିଆ ନୂଆସଡ଼କ ରାସ୍ତାର ରାଇସ୍ ମିଲ୍ ନିକଟରେ ଏଟିଏମ୍‌ରେ ଟଙ୍କା ଭର୍ତ୍ତି ପାଇଁ ଯାଇଥିବା ଭ୍ୟାନରୁ ୧ କୋଟି ୭୩ ଲକ୍ଷ ଟଙ୍କା ଲୁଟ ହୋଇଥିଲା। ଏହି ଘଟଣାର ୨୪ ଘଣ୍ଟା ପରେ ବି ପୋଲିସର ହାତ ଖାଲି ରହିଛି। ଅପରପକ୍ଷେ ଗାଡି ଦାୟିତ୍ୱ ଥିବା ସଞ୍ଜୟ କୁମାର ସ୍ୱାଇଁଙ୍କ ଏତଲାକୁ ଭିତ୍ତିକରି ଟିଗିରିଆ ଥାନାରେ ମାମଲା (ନଂ.୨୨୬/୨୩) ରୁଜୁ କରାଯାଇଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର ପଣ୍ଡା ଓ ଅତିରିକ୍ତ ଏସ୍‌ପି କେ. ପି ପଟ୍ଟନାୟକ ଟିଗିରିଆ ଥାନାରେ ଉପସ୍ଥିତ ରହି ୫ଟି ସ୍ୱତନ୍ତ୍ର ଟିମ୍ ଦ୍ୱାରା କଟକ ଜିଲା ଓ ଏହାର ସଂଲଗ୍ନ ଜିଲାରେ ତନାଘନା ଚଳାଇଛନ୍ତି ବୋଲି ଟିଗିରିଆ ଆଇଆଇସି ଜ୍ଞାନରଞ୍ଜନ ସାମଲ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଗାଡ଼ିରେ ଥିବା ୪ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରଖିଛି। ଖୁବ୍‌ଶୀଘ୍ର ଏହି ଲୁଟ୍ ଘଟଣାର ପର୍ଦ୍ଦାଫାଶ ହେବ ବୋଲି କଟକ ଜିଲା ଅତିରିକ୍ତ ଏସପି କେ. ପି ପଟ୍ଟନାୟକ କହିଛନ୍ତି।

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ର ଆଠଗଡ଼ରୁ ନରସିଂହପୁର ମଧ୍ୟରେ ଥିବା ବିଭିନ୍ନ ଏଟିଏମ୍‌ରେ ଟଙ୍କା ଭରିବା ଉଦ୍ଦେଶ୍ୟରେ ଏକ ସୁରକ୍ଷା ସଂସ୍ଥାର ଭ୍ୟାନ୍ ୨କୋଟି ଟଙ୍କା ନେଇ ବାହାରିଥିଲା। ଏଥିରେ ଜଣେ ସୁରକ୍ଷାକର୍ମୀ, ୨ ଜଣ ବ୍ୟାଙ୍କ କର୍ମଚାରୀ ଓ ଚାଳକଙ୍କୁ ମିଶାଇ ୪ ଜଣ ଥିଲେ। ଭ୍ୟାନ୍‌ଟି ଟିଗିରିଆସ୍ଥିତ ଗୋଡ଼ିଝରିଆ ଏଟିଏମ୍‌ରେ ପ୍ରଥମେ ଟଙ୍କା ଭର୍ତ୍ତି କରି ଟିଗିରିଆ ଆଡ଼କୁ ଯାଉଥିବାବେଳେ ରାଇସ ମିଲ୍ ନିକଟରେ ଦୁର୍ବୃତ୍ତମାନେ ବାଟ ଓଗାଳି ବନ୍ଧୁକ ଦେଖାଇ ଟଙ୍କା ଭର୍ତ୍ତି ଟ୍ରଙ୍କ୍ ନେଇଯାଇଥିଲେ।

# ପାଥପୁରରେ ୩୦ଟିକିଆ ହାତୀପଲ, ବ୍ୟାପକ ଫସଲ ନଷ୍ଟ

ବାଙ୍କୀ,୧୧।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା-ଚନ୍ଦକା ଅଭୟାରଣ୍ୟପଟୁ ୩୦ ଟିକିଆ ହାତୀପଲ ଆସି ଶୁକ୍ରବାର ରାତିରେ ବାଙ୍କୀ ବ୍ଲକ ଅନ୍ତର୍ଗତ ପାଥପୁର ପଞ୍ଚାୟତରେ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ରାତିରେ ଏହି ହାତୀପଲ ଧାନ ଫସଲଠାରୁ ଆରମ୍ଭ କରି ପରିବା ଫସଲ ପର୍ଯ୍ୟନ୍ତ ସବୁ ଦଳିଚକଟି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ଭୋରୁ ହାତୀପଲ ପୁନଶ୍ଚ ଡମପଡ଼ା -ଚନ୍ଦକା ଅଭୟାରଣ୍ୟକୁ ଫେରିଯାଇଛନ୍ତି। ଖବରପାଇ ସ୍ଥାନୀୟ ଶିଶୁଆ ଫରେଷ୍ଟ ଗାର୍ଡ ରୀତା ସାହୁ ଓ ଅନିଲ୍ ପ୍ରଧାନ ସେଠାରେ ପହଞ୍ଚି ଫସଲ କ୍ଷୟକ୍ଷତିର ବିବରଣୀ ସଂଗ୍ରହ କରିଥିଲେ। ଏହି ସମୟରେ କିଛି ଲୋକ ଉତ୍ତ୍ୟକ୍ତ ହୋଇ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଉଭୟ ଫରେଷ୍ଟର ଲୋକମାନଙ୍କୁ ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ହାତୀ ଉପଦ୍ରବ ଯୋଗୁ ଯେଉଁ ଚାଷୀମାନଙ୍କ କ୍ଷୟକ୍ଷତି ହୋଇଛି ତା'ର ଅନୁଧ୍ୟାନ କରି ଏହାର ବିବରଣୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ଜଣାଇଥିବା ବନ ବିଭାଗ ପକ୍ଷରୁ ପ୍ରକାଶ। ହାତୀ ଜଙ୍ଗଲରୁ ଯାତାୟାତ କରିବା ଏକ ନିତିଦିନିଆ କାର୍ଯ୍ୟରେ ପରିଣତ ହୋଇଛି। ତେଣୁ ସେଥିପ୍ରତି ବନ ବିଭାଗର ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବା ସହ ଅଧିକ ବନ କର୍ମଚାରୀ ମୁତୟନ କରାଯିବା ପାଇଁ ଜନସାଧାରଣ ତରଫରୁ ଦାବି ହୋଇଛି। ହାତୀ କରିଡରରେ ଜନବସତି ହେଉଥିବାରୁ ସେମାନଙ୍କ ଉପଦ୍ରବରେ ଲୋକଙ୍କ ଚାଷଜମି କ୍ଷତିଗ୍ରସ୍ତ ହେଉଛି। ଏଭଳି ଅଭିଯୋଗ କରି ରାଷ୍ଟ୍ରୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଡ.ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ବାଙ୍କୀ ଯୁବ କଂଗ୍ରେସର ଏକ ପ୍ରତିନିଧି ଦଳ ଡମପଡ଼ା ବନାଞ୍ଚଳ ରେଞ୍ଜର ନିରଞ୍ଜନ ମହାପାତ୍ରଙ୍କୁ ଭେଟିଥିଲେ। ସେମାନେ ହାତୀ ସୁରକ୍ଷା ଓ ଫସଲ ରକ୍ଷା ଉପରେ ଆଲୋଚନା କରିବା ସହ ଏହି ଡମପଡ଼ା ଅଭୟାରଣ୍ୟ ରେଞ୍ଜ୍‌କୁ ଇକୋ ଟୁରିଜମ୍‌ର ମାନ୍ୟତା ଦେବା ନେଇ ଗୁରୁତ୍ୱାରୋପ କରିଥିଲେ।


ହାତୀପଲ ରାସ୍ତା ପାର ହେଉଛନ୍ତି।


ଦୀପାବଳି ଉପଲକ୍ଷେ କଟକ ରେଳଷ୍ଟେଶନଠାରୁ ପୁରୀଘାଟ ଦେବୀଗଡ଼ା ପର୍ଯ୍ୟନ୍ତ ରାସ୍ତାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ।


କଟକ ସାରଳା ଭବନରେ ଭାଜପା ପକ୍ଷରୁ ଆଞ୍ଚଳିକ ଜନ ପ୍ରତିନିଧିମାନଙ୍କ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।


ନରକ ଚତୁର୍ଦ୍ଦଶୀ ଅବସରରେ ଖାନ୍‌ନଗର ସ୍ୱର୍ଗଧାମ ସେବା ସମିତି ପକ୍ଷରୁ ସ୍ୱର୍ଗଧାମ ପରିସରରେ ସମୂହ ଦୀପଦାନ।

